# ପ୍ରେରଣା

ଅଗଷ୍ଟ, ୨୦୨୦ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଅଗଷ୍ଟ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com, ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks...

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଅଗଷ୍ଟ - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ, ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଅଗଷ୍ଟ - ୨୦୨୦ ସଂସ୍କରଣର ବିଜେତା କବୟିତ୍ରୀ ସୁଚିସ୍ମିତା ବେହୁରିଆଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ବିଳମ୍ବିତ ହେଉ ପଛେ ପୂର୍ଣ୍ଣ ହେଲା ଆମ ସପନ
ଶ୍ରୀରାମଙ୍କ ମନ୍ଦିର ଲାଗି ହୋଇଲା ଭୂମି ପୂଜନ ।
ସୁସଜ୍ଜିତ ହେଲା ଅଯୋଧ୍ୟା ଧାମ, ବିଶ୍ୱେ ଗୁଁଜିଲା ଶ୍ରୀରାମଙ୍କ ନାମ
ରାମ ନୁହେଁ ଏକ ନାମ ସେତ ଧର୍ମ, ସତ୍ୟ, ନ୍ୟାୟ, ତ୍ୟାଗର ପ୍ରତୀକ
ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ॥



ସୁଚିସ୍ମିତା ବେହୁରିଆ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

। ଇତି ।

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।

- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ ।

- ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।



# ସମ୍ପାଦକୀୟ...

ଦେବୀ ପ୍ରସାଦ ସ୍ୱାଇଁ

ଯାହା ପାଇଁ ଆଜି ନାରୀର ମୂଲ୍ୟବୋଧ ତଥା ମର୍ଯ୍ୟାଦା ନିମ୍ନଗାମୀ ; ଯେଉଁ ସାମାଜିକ ବ୍ୟାଧି ଦ୍ୱାରା ନାରୀ ଆଜି ନିର୍ଯ୍ୟାତିତା ; ଯାହା ପାଇଁ ଦରିଦ୍ର ପିତାମାତା ଆଜି ସର୍ବସ୍ୱାନ୍ତ ; ଯେଉଁ ପ୍ରାଚୀନ ଧନାଢ୍ୟ ପ୍ରଥା ଆଜି ଏକ ସାମାଜିକ ପରମ୍ପରା ରୂପେ ବିବେଚିତ ; ଯାହା ପାଇଁ ଆଜି କନ୍ୟା ଭ୍ରୁଣ ହତ୍ୟା ବୃଦ୍ଧି ପାଇଛି ; ସେହି ସାମାଜିକ ମହାବ୍ୟାଧି ଯୌତୁକ ପ୍ରଥାର ଉଚ୍ଛେଦିକରଣ ସମସ୍ତଙ୍କର କାମ୍ୟ ହେବା ଆବଶ୍ୟକ ।

ପୁରୁଷ ସଙ୍ଗେ ନାରୀର ଭୂମିକା ଆଜି ସବୁ କ୍ଷେତ୍ରରେ ଅପରିହାର୍ଯ୍ୟ । ନାରୀ ଆଜି ଉଚ୍ଚ ଶିକ୍ଷିତା । ନିଜର ଦକ୍ଷତା ବଳରେ ସେ ଶିକ୍ଷା-ଦିକ୍ଷା, ରାଜନୈତିକ ଓ ଧର୍ମ-ନୈତିକ କ୍ଷେତ୍ରରେ ଉଚ୍ଚ ପ୍ରଶଂସନୀୟା । ଏ ସବୁ ସତ୍ତ୍ୱେ ସମାଜରେ କନ୍ୟା ସନ୍ତାନ ପ୍ରତି ଥିବା ମାନସିକତା ଆଜି ପରିତାପର ବିଷୟ । ଆଧୁନିକ ସମାଜରେ ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା

କନ୍ୟା ଭ୍ରୂଣ ହତ୍ୟା ଏହାର ଏକ ଜ୍ୱଳନ୍ତ ଉଦାହରଣ । ପୁତ୍ରଟିଏ ହେଲେ ପିଣ୍ଡଦେବା ସଙ୍ଗେ ସଙ୍ଗେ କୁଳରକ୍ଷା ହେବ ଏହି ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ଗରିବ ପିତାମାତା ପୁତ୍ର ସନ୍ତାନ ଅପେକ୍ଷାରେ କନ୍ୟା ସନ୍ତାନ ପ୍ରାପ୍ତି ହୋଇଥାନ୍ତି । ଏହି ମାନସିକତା ପାଇଁ ଅନେକ କନ୍ୟା ସନ୍ତାନ ଭ୍ରୂଣ ହତ୍ୟାର ଶିକାର ହୋଇଥାନ୍ତି । ପରବର୍ତ୍ତୀ ସମୟରେ ଏକାଧିକ କନ୍ୟା ସନ୍ତାନର ଲାଳନ ପାଳନ ଦାୟିତ୍ୱ ପିତାମାତାଙ୍କୁ ସର୍ବସ୍ୱାନ୍ତ କରିଦିଏ । ଏହା ପରେ କନ୍ୟା ବିବାହ ଯୋଗ୍ୟା ହୋଇଗଲେ ପିତାମାତାଙ୍କ ଚିନ୍ତା ବଢିଥାଏ । ଝିଅକୁ ବିଭା ଦେବା ପାଇଁ ସେମାନେ ନିଜର ଜମି, ଘରବାଡି ମଧ୍ୟ ବିକ୍ରୀ କରିବାକୁ ପଛାନ୍ତି ନାହିଁ । ସତେ ଯେପରି ବିନା ଯୌତୁକରେ କନ୍ୟା ଗ୍ରହଣ ଯୋଗ୍ୟା ହୋଇନଥାଏ । ତେଣୁ ଯଥାର୍ଥରେ କୁହାଯାଇଛି...

କିନ୍ତୁ ହାୟ ଦେବୀ ଆଜି କେଉଁ ଅଭିଶାପେ
ପାଷାଣୀ ଅହଲ୍ୟା ସମ ଦାରୁଣ ସନ୍ତାପେ ।
ସହୁଛ ଜୀବନେ ବହୁ ଦୁଃଖ ନିର୍ଯ୍ୟାତନା
ସ୍ୱାର୍ଥପର ସମାଜର ତାଡନା ଲାଞ୍ଛନା ।
ଅମୂଲ୍ୟ ରତନ ତୁମେ ଭବେ ମୂଲ୍ୟହୀନା
ଗ୍ରହଣ ନହୁଅ କେବେ ଯଉତୁକ ବିନା ।

ଏହି ସାମାଜିକ ବ୍ୟାଧି ଦ୍ୱାରା କେବଳ ଯେ ଝିଅଟିଏ ଶିକାର ହୋଇଥାଏ ତାହା ନୁହେଁ, ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯିବା ଫଳରେ ଗୋଟିଏ ପରିବାର ସମ୍ପୂର୍ଣ୍ଣ ସର୍ବସ୍ୱାନ୍ତ ହୋଇଯାଇଥାଏ ।


ପ୍ରାଚୀନ କାଳରେ ଧନାଢ୍ୟ ବ୍ୟକ୍ତିମାନେ କନ୍ୟାଦାନ ସମୟରେ କିଛି ସମ୍ପତ୍ତିକୁ ଉପହାର ସ୍ୱରୂପ ଦାନ କରୁଥିଲେ । ଏହା ଉପରେ ବରଘର ପକ୍ଷରୁ କୋଣସି ଦାବି କରାଯାଉନଥିଲା । କ୍ରମଶଃ ଏହି ପ୍ରଥା ପରମ୍ପରାରେ ପରିଣତ ହୋଇ ସାମାଜିକ ବ୍ୟାଧି ରୂପେ ପରିଗଣିତ ହେଉଅଛି । ଦାବି ମୁତାବକ ଉପଯୁକ୍ତ ଯୌତୁକ ବିନା କନ୍ୟାଟିର ବିବାହ କାର୍ଯ୍ୟ ସମ୍ପାଦନ ହୋଇପାରୁ ନାହିଁ । ଯଦିବା ହେଉଛି ପରବର୍ତ୍ତୀ ସମୟରେ ଦାବି ପୂରଣରେ ବିଳମ୍ବ ହେଲେ ଶାଶୁଘରେ ବଧୂଟି ନିର୍ଯ୍ୟାତିତ ହେଉଛି । ଅନେକ ସମୟରେ ବଧୂ ହତ୍ୟା ଭଳି ଜଘନ୍ୟ କାଣ୍ଡ ଦେଖିବାକୁ ମିଳୁଛି । ଏଣୁ ଯଥାର୍ଥରେ କୁହାଯାଇଛି...

ତୁମରି ପାଇଁ କରନ୍ତି ଚିନ୍ତା ଦରିଦ୍ର ପିତାମାତା
ଅବାଞ୍ଛନୀୟ ତୁମରି ଜନ୍ମ ଲାଗଇ ତାଙ୍କୁ ପିତା ।
କାହିଁକି ଆଜି ସମାଜେ ତୁମେ ହୋଇଛ ତିକ୍ତ ମଧୁ
ଯୌତୁକ ପାଇଁ ନିଆଗୋ ଚିତା ମୋ ଦେଶ କୁଳବଧୂ ।

ଏହି ଅନ୍ଧବିଶ୍ୱାସ ତଥା କୁସଂସ୍କାର ଲୋପ ପାଇଲେ ନାରୀର ମୂଲ୍ୟବୋଧ ତଥା ମର୍ଯ୍ୟାଦା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ନାରୀ ନିର୍ଯ୍ୟାତନା ହ୍ରାସ ପାଇପାରିବ । ତେଣୁ କନ୍ୟା ରତ୍ନଟିଏ ଲାଭ କରିବାକୁ ନିଜର ସୌଭାଗ୍ୟ ମନେକରି ଏହି ମହାବ୍ୟାଧିର ଉପଶମ ପାଇଁ ସମସ୍ତେ ସଂବେଦନଶୀଳ ହେବା ଆବଶ୍ୟକ ।

*****

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ
ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | ଅନ୍ତରଙ୍ଗ ଆଳାପ | | ୨୧ |
| | **ପଦ୍ୟ ବିଭାଗ** | | |
| ୧. | ଶ୍ରୀରାମ ସ୍ତୋତ୍ରମ୍ | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୭ |
| ୨. | ଭାଇ | ସୋନାଲି ସ୍ୱାଇଁ | ୨୯ |
| ୩. | ପ୍ରଶ୍ନବାଚୀ | ସାବିତ୍ରୀ ମହାପାତ୍ର | ୩୨ |
| ୪. | ଜୀବନାବସ୍ଥାର ବିଷମତା | ରୋଜା ପଣ୍ଡା | ୩୪ |
| ୫. | ପ୍ରେରଣା | ସୌମ୍ୟ ରଞ୍ଜନ ମହାପାତ୍ର | ୩୬ |
| ୬. | ଅଯୋଧ୍ୟା | ସଂଘମିତ୍ରା ରାଏଗୁରୁ | ୩୭ |
| ୭. | ଜନନୀର ଉକ୍ତି | ସମୀର କୁମାର ମହାମଲ୍ଲୀକ | ୪୧ |
| ୮. | ସ୍ୱାଧୀନତା | ତେଜସ୍ୱିନୀ ସାମଲ | ୪୩ |
| ୯. | ମୋ ଗାଁ | ବିଶ୍ୱ ରଞ୍ଜନ ତ୍ରିପାଠୀ | ୪୮ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୦. | ପାଗଳ ମୌସୁମୀ | କରିସ୍ମିତା କର | ୫୦ |
| ୧୧. | ଜୟ ଶ୍ରୀରାମ | ମନସ୍ୱିନୀ ମିଶ୍ର | ୫୨ |
| ୧୨. | ଧେଇକି ଧିନା | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୫୫ |
| ୧୩. | ଜନ୍ମାଷ୍ଟମୀ ଜଣାଣ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୫୭ |
| ୧୪. | ନିତି ଦେଖେ ଏକ ସୂର୍ଯ୍ୟର ମୃତ୍ୟୁ | ଶୁଭଲକ୍ଷ୍ମୀ ଦାସ | ୫୯ |
| ୧୫. | ମୋ ବିନା ତୁମ ପ୍ରତିବିମ୍ବ ଅସମ୍ପୂର୍ଣ୍ଣ | ଚାରୁବାଳା ପାଢ଼ୀ | ୬୦ |
| ୧୬. | ଅଦୃଶ୍ୟ ଝଡ଼ | ସୁଚିସ୍ମିତା ବେହୁରିଆ | ୬୨ |
| ୧୭. | ରେ ଲବଣୀ ଚୋର | ପୁଣ୍ୟରୂପା ଦାଶ | ୬୪ |
| ୧୮. | ବର୍ଷା, ପ୍ରିୟା, ସ୍ମୃତି | ପ୍ରିୟଦର୍ଶିନୀ ପଣ୍ଡା | ୬୬ |
| ୧୯. | ବାସ୍ତବ ଜୀବନ | ଅଲିଭା ସାହୁ | ୬୮ |
| ୨୦. | ପୁରୁଣା ସହରରେ ଆଜି | ଲିପ୍ସା ଆଚାର୍ଯ୍ୟ | ୭୦ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୧. | ସତ୍ୟବାନର ପ୍ରତିଜ୍ଞା | ରାଧାମୋହନ ପୂଜାହାରୀ | ୭୩ |
| ୨୨. | ଶେଷ ଚିଠି | ଜ୍ୟୋତି ପ୍ରକାଶ ସାହୁ | ୭୪ |
| ୨୩. | କେତେ ଦିନ | ଉତ୍କଳିକା ରାଉତ | ୭୬ |
| ୨୪. | ଯନ୍ତ୍ରଣାର ଲହୁ | କାହ୍ନୁ ଚରଣ ସାହୁ | ୭୮ |
| ୨୫. | ମୁଁ ହଜି ଯିବାକୁ ଚାହେଁ | ରାମ ଚନ୍ଦ୍ର ପ୍ରଧାନ | ୮୦ |
| ୨୬. | ଅନ୍ତିମ ବିଦାୟ | ହୃଦୟାନନ୍ଦ ପଧାନ | ୮୨ |
| | **ଗଦ୍ୟ ବିଭାଗ** | | |
| ୨୭. | ସ୍ନେହର ପଣତ | ତପସ୍ୱିନୀ ଦାଶ ଷଡଙ୍ଗୀ | ୮୫ |
| ୨୮. | ନାଲି ଶଙ୍ଖା | ରୋଜା ପଣ୍ଡା | ୯୨ |
| ୨୯. | "ଭିକାରୀ ବଳ"- ଏକ ପ୍ରବାଦୀୟ କିମ୍ବଦନ୍ତୀ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୯୬ |
| ୩୦. | ଜୀବନସାଥୀ | ଐଶ୍ୱରିକା ସାହୁ | ୧୦୭ |
| ୩୧. | ଶୈଶବର ଡ଼ାକ | ଶୁଭଶ୍ରୀ ପଣ୍ଡା | ୧୧୨ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୨. | ଶ୍ରାଦ୍ଧ | ସୁଜିତ୍ କୁମାର ମହାପାତ୍ର | ୧୨୦ |
| ୩୩. | ବୋଝ ଉପରେ ନଳିତା ବିଡା | ସୌଭାଗ୍ୟବତୀ ଗିରି | ୧୨୪ |
| ୩୪. | ନିଷ୍ପାପ ଆହ୍ୱାନ | ସରିତା ନନ୍ଦ | ୧୩୦ |
| ୩୫. | ସ୍ୱାଧୀନତା ସଂଗ୍ରାମର ଇତିହାସ | ପ୍ରଜ୍ଞା ପାରମିତା ମହାନ୍ତି | ୧୩୫ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବି ...

**ନାମ :** ହୃଦୟାନନ୍ଦ ପଧାନ

**ଜନ୍ମ ତାରିଖ :** ୧୪ ଅପ୍ରେଲ

**ବର୍ତ୍ତମାନ ଠିକଣା :** ଅମର ପାଲି, ସୁବର୍ଣ୍ଣପୁର

**ଶିକ୍ଷା :** ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନରେ ସ୍ନାତକୋତ୍ତର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ।



**୧. ପ୍ରିୟ ପୁସ୍ତକ :** ସବୁ ସାହିତ୍ୟ ଭଣ୍ଡାରକୁ ମୁଁ ଭଲପାଏ, ତଥାପି ଅତି ପ୍ରିୟ ପୁସ୍ତକ ହେଲା- "ଯାଜ୍ଞସେନୀ", "ଅମାବାସ୍ୟାର ଚନ୍ଦ୍ର", "ପ୍ରେମିକା" ଓ "ଶେଷ ବସନ୍ତର ଚିଠି" ଏଗୁଡ଼ିକୁ ବାରମ୍ବାର ପଢି ଡୁବି ଯାଇ ସେଇ ଚରିତ୍ର ମାନଙ୍କ ଠାରୁ ପାଇଛି କବିତା/ଗଳ୍ପ/ପ୍ରବନ୍ଧ ଲେଖିବାର କଳା ।

**୨. ପ୍ରିୟ ଲେଖକ/ଲେଖିକା :** ସବୁ ଯୁଗର ଲେଖକ/ଲେଖିକା ମୋର ଅତି ପ୍ରିୟ ।

**୩. ଆପଣଙ୍କ ପ୍ରେରଣାର ଉତ୍ସ :** ମୋର ସାହିତ୍ୟ ସର୍ଜନା ଦିଗରେ କେହି ଗୁରୁ

ନାହାଁନ୍ତି କି ମୋ ବଂଶଗତ ଚଉଦ ପୁରୁଷରେ ବି କେହି କବି ଜନ୍ମହୋଇ ନାହାନ୍ତି । ସମସ୍ତ କବି ମାନଙ୍କର କାବ୍ୟ କୃତି ପଢି ଯାହା ପ୍ରେରଣା ପାଏ । ସମସ୍ତଙ୍କୁ ଗୁରୁ ଭାବରେ ଗ୍ରହଣ କରେ, ଅବଧୂତଙ୍କ ଭଳି ଛୋଟ ପିଲାଠୁ ପଶୁ ପକ୍ଷୀ ସମସ୍ତେ ମୋ ଗୁରୁ, ଯାହଠୁ କିଛି ଶିଖିଲି ସିଏ ହେଲା ମୋର ଗୁରୁ । ସେମାନେ ହିଁ ମୋର ପ୍ରେରଣାର ଉତ୍ସ ।

**୪. ଆପଣଙ୍କ ମତରେ ପୁରସ୍କାର/ସମ୍ମାନ ସାହିତ୍ୟ ସୃଷ୍ଟି ପାଇଁ କେତେ ଆବଶ୍ୟକ :** ପୁରସ୍କାର ବା ସମ୍ମାନକୁ ମୁଁ ଘୃଣାକରେ । କାହିଁକି ନା ବିଶିଷ୍ଟ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହିଥିଲେ "ଏ ଦେଶ ନିଜ ରତ୍ନର ମୂଲ୍ୟାଙ୍କନ କରି ଜାଣେ ନାହିଁ । ବହି ରତ୍ନର ମାନଦଣ୍ଡରେ ନିଜ ରତ୍ନକୁ ତଉଲ କରେ ।" କବି/ଲେଖକ ମାନେ ପୁରସ୍କାର ପଛରେ ପାଗଳ ହୁଅନ୍ତି କାହିଁକି ମୁଁ ଜାଣି ପାରେନି । ଜଣେ ଲେଖକ ସାହିତ୍ୟ ମାଧ୍ୟମରେ ଯଦି ସମାଜର ସୁଧାର ଆଣିଲା ତାଠୁ ବଳି ପୁରସ୍କାର ଓ ସମ୍ମାନ ଆଉ କ'ଣ ଅଛି ।

**୫. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ମୁଁ ଜାଣିନି କେବେଠାରୁ କବିତା ଲେଖୁଛି । ତଥାପି ମନେ ପଡେ +୨ ପ୍ରଥମ ବର୍ଷ ପଢୁଥିଲା ବେଳେ ଆମ ଘର ଛାତ ଉପରେ ବସି ଆକାଶକୁ ଅନାଇ ହଠାତ୍ ମନେ ପଡିଲା ଆକାଶରେ ଚନ୍ଦ୍ର ଅଛି ତାରା ବି ଅଛି । ମନେ ମନେ କ'ଣ ଗୁଣୁ ଗୁଣେଇଲି -

"ଚନ୍ଦ୍ର ମଣ୍ଡଳ ମଧ୍ୟେ ତାରା,
ବିକଶିଲା ଗଗନ ସାରା ।
ତା ମଧ୍ୟେ ଧ୍ରୁବତାରା ଗୋଟି,
ଶୋଭିତ କଲା ଶୁଭ୍ରକାନ୍ତି ।"

ଏଇଆ ଥିଲା ମୋ ପ୍ରଥମ କବିତା "ଧ୍ରୁବତାରା"ର ପ୍ରଥମ ପଂକ୍ତି ଆଉ ମୋ ସାହିତ୍ୟ ଜୀବନର ପ୍ରଥମ କବିତା । ତା ପରେ ଆଉ ପଛକୁ ଫେରିନି ଲେଖୁଛି କବିତା, ମୁଁ ଜାଣିନି ମୋ କବିତା ଲେଖା ଠିକ୍ ହେଉଛି ନା ଭୁଲ୍, ଯାହା ଆସିଲା ମନରେ ତାହା ଲେଖିଦିଏ । ବେଳେ ବେଳେ ଲାଗେ କବିତା ମୁଁ ଲେଖୁଛି ମାତ୍ର ମୁଁ ତ ଲେଖେନି କେହି ଜଣେ ଆସିକି କହେ ତା ପରେ ଯାଇ ମୋ କବିତା ସୃଷ୍ଟିହୁଏ ।

**୬. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :** ବଢିଆ ଅଛି । ଯାହା ସମାଜରେ କ୍ରାନ୍ତି ସୃଷ୍ଟିକରି ପରିବର୍ତ୍ତନ ଆଣି ସମାଜରେ ସୁଧାର ଆଣେ ତାହା ହିଁ ସାହିତ୍ୟ । ସେ ଯୁଗରେ ବି ସାହିତ୍ୟ ଥିଲା ଏବେବି ଅଛି ପରିବର୍ତ୍ତନ କେବଳ ଏତିକି ସେ ସମୟରେ ପ୍ରାୟତଃ ଅନେକ ଗୀତି କବିତାର ସ୍ୱରଥିଲା ଏବେ କେବଳ ଶବ୍ଦ ସଂଯୋଜନା ଦେଖିବାକୁ ମିଳୁଛି । ସାହିତ୍ୟ ମରିବନି ଆହୁରି ଉଜ୍ଜୀବିତ ହେଉଛି, ପାଠକଙ୍କ ସଂଖ୍ୟା ବି ଆହୁରି ବଢ଼ିବାରେ ଲାଗିଛି । ମୁଁ ଥରେ ଏକ ସାହିତ୍ୟ ସମ୍ମିଳନୀ ଯାଇଥିଲି ଜଣେ ବିଶିଷ୍ଟ ସାହିତ୍ୟିକ କହିଲେ

"ବର୍ତ୍ତମାନର ସାହିତ୍ୟ କ୍ଳୀବ ହୋଇଗଲାଣି"। ବର୍ତ୍ତମାନର ସାହିତ୍ୟ ଯଦି କ୍ଳୀବ ହୋଇଯାଇଛି ଲେଖକ ଯଦି ନପୁଂସକ ହୋଇଗଲେଣି, ତା ହେଲେ ସାହିତ୍ୟ ଏବେବି କିପରି ବଞ୍ଚି ରହିଛି, ବିଲୁପ୍ତ ତ ହୋଇ ସାରନ୍ତାଣି କିପରି ଉଜ୍ଜୀବିତ ହୋଇ ରହିଛି । ମୁଁ ବୁଝି ପାରିଲିନି ସେ କେଉଁ ଅର୍ଥରେ କହିଲେ ।

**୭. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ଇ-ପତ୍ରିକା ହିଁ ମୋତେ ନୂତନ ଜନ୍ମ ଦେଇଛି । ପ୍ରଥମେ ଭକ୍ତିପୂତ ଧନ୍ୟବାଦ ଦେବି ପ୍ରେରଣା ପତ୍ରିକାର ସମ୍ପାଦକ ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ ମହୋଦୟଙ୍କୁ । ଯେତେବେଳେ ଚିଠି ମାଧ୍ୟମରେ ହଉ ଅଥବା ସିଧାସଳଖ ସାକ୍ଷାତ କରି ହେଉ ସମସ୍ତ ଓଡ଼ିଆ ପ୍ରିଣ୍ଟ ପତ୍ରିକା ହଉ ବା ଖବରକାଗଜ ହେଉ ଯେବେ ସମସ୍ତଙ୍କୁ ମୋ କବିତା ଗୁଡା ପ୍ରକାଶିତ କରିବାକୁ ଦିଏ ସମସ୍ତେ କୁହନ୍ତି ହଉ ହେଇଯିବ ଆପଣ ଯାଆନ୍ତୁ । ବାରମ୍ବାର କବିତା ଖଣ୍ଡେ ପ୍ରକାଶ ପାଇଁ ମନ ବ୍ୟାକୁଳ ହେଉଥାଏ କେହି ପ୍ରକାଶ କରୁ ନ ଥିଲେ ମନ ଭାରି ଦୁଃଖ ହେଉଥିଲା ସେ ସମୟରେ । ଚିନ୍ତାକଲି ଜୀବନରେ କବିତା ଲେଖିବିନି । ଦି ବର୍ଷ ଆଉ କବିତା ଲେଖିନି...

"ଭୁଲି ଗଲି ସେଇ ବସନ୍ତର ମଳୟକୁ,
ଭୁଲି ଯାଇଥିଲି ଶ୍ରାବଣର ବର୍ଷା ବୁନ୍ଦାକୁ ବି ସେ ଦିନ,
ଯେତେବେଳେ ପାଇଥିଲି ଯନ୍ତ୍ରଣା ପରେ ଯନ୍ତ୍ରଣା,
ପ୍ରେରଣା ଦେଲା ମୋତେ ନୂତନ ପ୍ରେରଣା କରିବାକୁ ସାହିତ୍ୟ ସର୍ଜନା,

ମୋ ଜୀବନେ ଆଣି ଦେଲା ଆଉ ଏକ ନୂତନ ଉନ୍ମାଦନା,
କରିବାକୁ ସାହିତ୍ୟ ରଚନା ।"

ପ୍ରେରଣା ମୋତେ ନୁହେଁ ମୋ ଭଳି ନୂତନ ପ୍ରତିଭାମାନଙ୍କ ପାଇଁ ଏକ ରାସ୍ତା ଖୋଲି ଦେଇଛି । ଲୁଚି ଯାଉଥିବା ନିଜ ପ୍ରତିଭାକୁ ସମାଜରେ ଦେଖିବା ପାଇଁ ଏକ ନୂତନ ମାର୍ଗଦର୍ଶନ କରିଛି ଏହି ପ୍ରେରଣା । କେତେ ଯେ ଅନ୍ତର ଭରା ଧନ୍ୟବାଦ ଦେବି ଏହି ପ୍ରେରଣା ତଥା ଅନ୍ୟାନ ଇ-ପତ୍ରିକା ମାନଙ୍କୁ ମୋ ମୁଖ ମଣ୍ଡଳରେ ଶବ୍ଦ ନାହିଁ ।

*****

# ପଦ୍ୟ ବିଭାଗ

***ଅନୁରକ୍ତି :***


*ଅନ୍ତକର ଅନ୍ତର୍ଦାହର ଅନ୍ତର୍ଲିପି, ଅନ୍ତର୍ଯ୍ୟାମୀ*

*ଅନ୍ତିମ ହେଉ ଅତୀତ, ଅପେକ୍ଷା ଅନନ୍ତ ଆଗାମୀ ।*

*ଅଯୁତ ଅଯୁତ ଅନିର୍ଦ୍ଦିଷ୍ଟତାର ତୁମେ ଆସାମୀ*

*ଅଭିନବ ସେ ଆରମ୍ଭର ଅଲୌକିକ ଅନୁଗାମୀ ॥*

***- ପ୍ରଜ୍ଞା ପାରମିତା ମହାନ୍ତି***



# ଶ୍ରୀରାମ ସ୍ତୋତ୍ରମ୍

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ରାମାଭି ରାମଂ ନୟନାଭି ରାମଂ
ରାଜିବ ନେତ୍ରଂ ଦୁର୍ବାଦଳ ଶ୍ୟାମଂ ।
ଧାର୍ମିକଂ ବିପ୍ର- ପ୍ରିୟଂ ସତ୍ୟସନ୍ଧ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ॥

କୌଶଲ୍ୟା ଗର୍ଭ- ସିନ୍ଧୁ ସମୁଦ୍ଭବଂ
ଜନକ ସୁତା- କୁମୁଦ-ବାନ୍ଧବଂ ।
ସମୁଦ୍ର ବକ୍ଷେ କୃତଃ ସେତୁବନ୍ଧଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ॥

ବୈମାତୃ ପ୍ରିୟଂ ପିତୃସତ୍ୟ ବ୍ରତଂ
ଭାତୃ-ବତ୍ସଳଂ ପ୍ରଜାହିତ ରତଂ ।

ବାୟୁ ତନୁଜଂ ସେବିତଂ ଶ୍ରୀପଦଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ||

କରୁଣା ସିନ୍ଧୁ କଳିମଳ ହରଂ
ଦନୁଜ ବୈରୀ ଶର ଚାପଧରଂ |
ସମୁଚ୍ଛେଦନ କୃତଃ ଦଶକନ୍ଧଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ||

ବଲ୍କଳ ବାସଃ ଜଟା ଜୁଟଧାରୀ
ଯଜ୍ଞ ରକ୍ଷକଂ ମୁନିମନ ହାରୀ |
ମର୍ଯ୍ୟାଦା ରୂପଂ ନମେ ରାମଭଦ୍ରଂ
ସ୍ମରାମି ରାମଂ ରଘୁକୁଳ ଚନ୍ଦ୍ରଂ ||

*****

ଜହ୍ନିତଇଳା, ଢେଙ୍କାନାଳ



# ଭାଇ

ସୋନାଲି ସ୍ୱାଇଁ

**ସେ** ଦୁଃଖ ସବୁକୁ 'ଫୁଁ' କରି
ଚୁଟିକି ମାରି ଉଡାଇବା ଶିଖିଛି,
ସେ ହସ ହସ ମୁହଁ ପଛରେ
ଦୁଃଖ ଲୁଚାଇବା କଳାଟା ବି ଶିଖିଛି...

ଯନ୍ତ୍ରଣାକୁ ସେ ତା ହସ ପଛରେ ଲୁଚାଇ
ନିଜ ଅଭାବକୁ ପକେଟ ମନିରେ ମିଶାଇ
ହାରିଲେ ବି ସେ ପଛକୁ ପାଦେ ଘୁଞ୍ଚେନି
ସେ କାନ୍ଦିଲେ ବି କାଇଁ ଲୁହ ତାର କେବେ ଦିଶେନି

ବାପାଙ୍କ ନାଲି ଆଖି ତଳେ
ତାର ଚାପି ହୋଇ ଯାଏ ଅଭିଯୋଗ,
ବୋଉର ପଣତ କାନି ବି ଅଭାବ ପଡେ

ଘୋଡାଇବାକୁ ଗାଁ ଲୋକଙ୍କ
"ଏତେ ବଡ ପାଠୁଆ ପୁଅଟା ଚାକିରି ନ କରି ବାପା ପଇସା ଖୋଳ
କରୁଛିର" ତାସ୍ଲଲ୍ୟର ବାକ୍ୟ...

ଚାକିରି ପାଇଁ ଭୁବନେଶ୍ୱରରେ ବୁଲିବୁଲି
ବର୍ଷକୁ ଭାଇର ତିନିହଳ ପାରାଗନ ଚପଲ ଘୋରେ
ଆଉ ସବୁ ଇଣ୍ଟରଭିଉ ଦିନ ଦୀପ ଜାଳି ଜାଳି
ବୋଉ ବର୍ଷକୁ ଚାରିଲିଟର ଗାଈ ଘିଅ ସାରେ...

ସେ ମାଙ୍କଡ ଟା,
ମୁଁ ପରୀକ୍ଷାରେ ଫାଷ୍ଟ ହେଲେ ସେ ହସେ
ଆଉ ଗୀତ, ନାଚରେ ଲାଷ୍ଟ ଆଡୁ ଫାଷ୍ଟ ହେଲେ ବି ସେ ହସେ
ମୁଁ କାନ୍ଦିଲେ ସେ ହସେ
ଆଉ ହସିଲେ ବି ମୋ ସହ ମିଶି ଦାନ୍ତ ଦେଖାଇ ହସେ

ତା ସୈତାନି ଆଖି ଖୋଜି ନିଏ
ମୁଁ ଲୁଚାଇଥିବା ସ୍କୁଟି ଚାବି ଜାଗାର ଠିକଣା
ତା ସହ ମୋ ଅଧାଖିଆ ଚକୋଲେଟର
ଆଉ କୋଉଠି ବଞ୍ଚିଯାଇଛି ଆଉ କେତେ ଅଣା...

ତା ଆଖିର ଲୁହ କେବେ ଦେଖିନି
ତା କାନ୍ଦ କେବେ ଶୁଣିନି
ସେ କେବେ ଦିନେ ଅଧେ ଭାଙ୍ଗିନି
କି ବାଛ ବିଚାର ପାଇଁ ଜିଦି ଟିକେ ବି କରିନି...

ମୋ ସବୁ ପ୍ରଶ୍ନର
ସେଇ ସମାନ ଉତ୍ତରଟେ ଫିଙ୍ଗେ ମୋ ଉପରକୁ
"ମୋ ଭଉଣୀ ପାଇଁ ଆକାଶରୁ ଜହ୍ନ ଆଣିବା ଦାୟିତ୍ୱଟା ମୋର
ମୁଁ ପରା ବଡ ପୁଅ ମୋ ବାପା, ବୋଉଙ୍କର "...

(ଦୁନିଆଁର ସବୁ ଭଉଣୀଙ୍କର ଭାଇଙ୍କୁ ସମର୍ପିତ)

*****

**ବୋରିକିନା, ଜଗତସିଂହପୁର**

# ପ୍ରଶ୍ନବାଚୀ





ସାବିତ୍ରୀ ମହାପାତ୍ର

ସବୁ ଭାବନାରେ ପ୍ରଶ୍ନବାଚୀ ଉଠେ,
କିଏ ଠିକ୍ କିଏ ଭୁଲ୍,
କେତେ ଅଙ୍କ କଷି ଫଳ ନ ବାହାରେ, କେତେ ହୁଏ ପୁଣି ନିର୍ଭୁଲ ।

କେତେ ଭଲ କାମେ ମନ୍ଦ ମିଶିଯାଏ, ଜଣା ନପଡଇ ସେତ,
କେତେ ସ୍ମୃତି ଆସି ଫେଣ୍ଟି ହୋଇଯାଏ,
କିଏ ଆଗ କିଏ ପଛ ।

କେତେ ଭାବନାକୁ ସାଇତିବା ପାଇଁ ମନରେ ସରାଗ ଆସେ,
କେତେକକୁ ପୁଣି ଭୁଲିବାକୁ ଯାଇ ମନରେ ବିଭ୍ରାଟ ପଶେ ।

ନିଜ ସୁଖ କେତେ ଜଳାଞ୍ଜଳି ଦେଇ, ଆନନ୍ଦିତ ମନ ହୁଏ,
କେତେ କାମେ ପୁଣି ସ୍ୱାର୍ଥପର ନୀତି, ମନ ମଧ୍ୟେ ଲୁଚିଥାଏ ।

କେତେ ଅକୁହା କଥାକୁ କହିହୁଏ ନାହିଁ,

ଖୋଜିଥାଏ ମନ ସାଥି,

କେତେ ଅଲିଭା ଲୁହକୁ ପୋଛିବାକୁ ଖୋଜେ ସାଥିଟିଏ ମନଲାଖି ।

*****

**ଭୁବନେଶ୍ୱର**




ଜ୍ୱାଇଁ ନେଇଗଲା ଝିଅକୁ ମୋହର
ବୋହୂ ସାଥେ ଗଲା ପୁଅ
ମଶାଣି ଡାକିଲା ଅର୍ଦ୍ଧାଙ୍ଗିନୀକୁ ମୋ
ଆଖିରୁ ଝରିଲା ଲୁହ ।

ଚାଳ ଖଣ୍ଡେ ଛାର ମୁଣ୍ଡ ଉପରେ ମୋ
ଶିକାରେ ତ ନାହିଁ ଭାତ
ଭାଗ୍ୟ ଦେଉଅଛି ଏମିତିକା ମତେ
ଭୋକିଲା ପେଟରେ ଲାତ ।

କପାଳ ଲିଖନ ନ ହୋଇଲା ଆନ
ବିହି ଲେଖିଥିଲା ଯାହା
କଲା କରମର ଫଳ ଭୋଗୁଅଛି

ପ୍ରାୟଶ୍ଚିତ ଏକା ସାହା ।

ବାର୍ଦ୍ଧକ୍ୟ ବେଳାରେ ସାହା ମୋର ଯିଏ
ମୁହଁ ମୋଡି ଗଲେ ଚାଲି
ଅପନ୍ତରା ଘରେ ଫିଙ୍ଗିଦେଲେ ମତେ
ଧରମକୁ ସବୁ ଭୁଲି ।

ତଳ ବରଡ଼ାଟି ଖସୁଅଛି ସିନା
ଉପର ବରଡ଼ା ହସେ
ମଝି ବରଡ଼ା ତ ଚେତାବନୀ ଦିଏ
ସଭିଙ୍କ ସମୟ ଆସେ ।

ସଭିଏଁ ଦିନେରେ ବାର୍ଦ୍ଧକ୍ୟ ହୋଇବେ
ଲୋଡିବେ ସାହାରା ଟିଏ
ଆଜିର କରମ ଅନୁସାରେ ଫଳ
ସେମିତି ପାଇବେ ସିଏ ।

*****

**ପୂର୍ଣ୍ଣାନନ୍ଦ ଭବନ**
**ନେତାଜୀ ନଗର,**
**ମଧୁପାଟଣା, କଟକ**



# ପ୍ରେରଣା

ସୌମ୍ୟ ରଞ୍ଜନ ମହାପାତ୍ର

ତୁମେ ଏକ ଅଫୁଟା କଢିର ସ୍ୱପ୍ନ,
ନବାଙ୍କୁରିତ କିଶଳୟର ଭାବନା,
ତୁମେ ଭବିଷ୍ୟକୁ ଗଢିତୋଳିବାର ପ୍ରେରଣା...
ମନ ଆକାଶରେ ଭସା ବାଦଲର ନିର୍ଝରିଣୀ ତୁମେ !
ତଡିତ୍ ପ୍ରଭାର ଚିକ୍ ମିକ୍ ଚମକ ତୁମେ,
ଅନେକ ଅସୁମାରି ସ୍ୱପ୍ନକୁ ସାକାର କରି
ବଣମଲ୍ଲୀର ମହକକୁ ପ୍ରସ୍ଫୁଟିତ କର ତୁମେ,
ହେ ପ୍ରେରଣା ଭରିଦିଅ ସଭିଙ୍କ ମନରେ ଆନନ୍ଦ
ଖେଳିଯାଉ ଅମା ଆକାଶରେ ଚାନ୍ଦ,
ତୁମର ପ୍ରତିଟି ଶବ୍ଦର ସ୍ପର୍ଶରେ, କବିତା କଲ୍ଲୋଳିନୀର ଛୁଆଁରେ
କଥାଲତିକା ଉଦ୍ୟାନର ଆଲିଙ୍ଗନରେ
ଭାବୁକ ଭାବନାର ନିଃଶବ୍ଦ ହୃଦୟରେ ଫୁଟି ଉଠୁ ଅସୁମାରୀ ଆନନ୍ଦ ॥

*****

ଢେଙ୍କାନାଳ



# ଅଯୋଧ୍ୟା

ସଂଘମିତ୍ରା ରାଏଗୁରୁ

ରାମରେ ଅଯୋଧ୍ୟା
ଅଯୋଧ୍ୟାରେ ରାମ
ଏ ଏକ ଭ୍ରମ
ଯା'ଙ୍କ ରକ୍ତରେ ବିଜୟର ଧାରା
ବିଜୟର ମୁକୁଟରେ
ଯୁଗକର ବଦନାମ
ଜିତ୍ ଆଉ ହାରର ଦାୟରେ
କିଏ ବା କେମିତି ବୁଝିବ ସେ ମର୍ମ

ରାମରେ ଅଯୋଧ୍ୟା
ଅଯୋଧ୍ୟାରେ ରାମ
ଏ ଏକ ଭ୍ରମ
ବିନ୍ଦୁରୁ ବ୍ରହ୍ମାଣ୍ଡ ଯାଏ

ଯେ ପରିବ୍ୟାପ୍ତ
ଅଭିବାଦନର ସତ୍ୟ ଯିଏ
ଯେ ଅନ୍ତିମ ସତ୍ୟର ସତ୍ୟ
ଜନ୍ମ-ମୃତ୍ୟୁର ଊର୍ଦ୍ଧ୍ୱରେ
ସେଇ ରାମ ହିଁ ଏକାନ୍ତ ଜୀବନ

ଏ ବାଦ ବିବାଦ ଅପବାଦ
କ୍ଷଣିକର ତୁଚ୍ଛା ଉତ୍ତେଜନା ମାତ୍ର
ରାମ ଏକା ଏମିତିକା ସୂର୍ଯ୍ୟ
ଯେ ଦୀପ ହୋଇ ଜଳୁଥିଲେ
ଜଳୁଛନ୍ତି, ଜଳୁଥିବେ ମଧ୍ୟ

କେଉଁ ମନ୍ଥରାର ମନ୍ତ୍ରଣାରେ
କୈକେୟୀଙ୍କ ଧାରଣାରେ
ପର୍ବତ ପରି ଅଚଳ ଅଟଳ
ରାମ ଏକା  ଧୈର୍ଯ୍ୟ
ନା ସୁଖରେ ଅଧିର
ନା ଦୁଃଖରେ ବିବ୍ରତ
ରାମ ଏମିତିକା ଭାବ

ନ୍ୟାୟର ଦାୟରେ
ସତ୍ୟର ରାୟରେ
ମାନବିକତା ଦ୍ୱାହିରେ
ରାମ ଜୀବନର ସଂଘର୍ଷରେ
ତିଳତିଳ ତ୍ୟାଗ

ନହେଲେ
ରାଜ୍ୟାଭିଷେକ ଠାରୁ
ବନବାସ କେତେ ଅବା ଦୂର
କେତେ ଦୂର ବନରୁ ରାଜ୍ୟ

ଜାତି - ଧର୍ମ - ଅହଂ- ଅଭିମାନର
ମାୟାଜାଲ ପରେ
ରାମ ସମଗ୍ର ବିଶ୍ୱ
ପାଦେ ପାଦେ ଉଜ୍ଜ୍ୱଳ ଇତିହାସ

ବାକି
ଧର୍ମକୁ ସଉଦା କରି
ଏ ଯେଉଁ ଚାଲିଛି ବ୍ୟାପାର
କିଛି ଭୋଟ୍ ଆଉ ଭୋଟରରେ

ସରୁଛି ସାରା କାରବାର

ସେଇ ବଜାର ଲାଗି

ମୁଁ ରଖିଲି ଉତ୍ତର

ରାମ ଯୁଦ୍ଧ ନୁହେଁ

ଧାରେ ପ୍ରେମ

ଯେଉଁଠି ହୁତୁହୁତୁ ନିଆଁରେ

ଜଳନ୍ତିନି ସୀତା

ସେଇଠି ପାଣିରେ ଜଳିଯା'ନ୍ତି ରାମ ।

*****

**ରାୟପୁର, ଛତିଶଗଡ଼**



# ଜନନୀର ଉକ୍ତି

ସମୀର କୁମାର ମହାମଲ୍ଲୀକ

ମାତା ମାତା ରାବ ବହୁଦିନ ହେଲା
ଦୂରରୁ ଶୁଣିଛି ମୁହିଁ,
ଦୂରରୁ ଶବଦ ପବନ ଆଣୁଛି
ନିକଟରେ କେହି ନାହିଁ ॥

ଗର୍ଭେ ଧରିଥିଲେ ଶତ କର୍ମବୀର
ସେମାନେ ଡାକିଲେ ନାହିଁ,
ବାକ୍ୟବୀରଙ୍କର ରବ ଶୁଭୁ ଅଛି
କର୍ମବୀର ଗଲେ କାହିଁ ॥

ଇତିହାସ ତୁରୀ ଭେରୀ କମ୍ପୁଅଛି
ମୋର ସୁତଙ୍କର ଯଶ,
ତାଙ୍କର ବଂଶଜ ଘୃଣିତ ଓଡ଼ିଆ

ଏତ ମୋ କପାଳ ଦୋଷ ||

ବହୁକାଳ ଧରି ରୋଦନ କରୁଛି
ନୟନକୁ ଦିଶୁନାହିଁ,
ମୋହର ସନ୍ତାନ ପାଖକୁ ଆସିଲେ
ଅଣ୍ଡାଳି ଚିହ୍ନିବି ମୁହିଁ ||

ନାହିଁ ମୋର ମାନ ନାହିଁ ମୋର ଧନ
ବଦନେ ଲାଗିଛି ଧୂଳି,
ବୀର ପ୍ରସବିନୀ ଶୋଣିତ ରହିଛି
ତୋ ଶିରାରେ ଦେବି ଢାଳି ||

ସେ ଶୋଣିତ ବଳେ ବୁଦ୍ଧିର କୌଶଳେ
ହେବୁ ତୁହି କର୍ମବୀର,
ଅତି ଅଳ୍ପ ଦିନେ ପ୍ରଭୁଙ୍କ କୃପାରୁ
ତୋର ଦୁଃଖ ହବ ଦୂର ||

*****

**ବିରାମାଲ, କଳାହାଣ୍ଡି**



# ସ୍ୱାଧୀନତା

ତେଜସ୍ୱିନୀ ସାମଲ

**ଗୋ**ରା ସରକାର କ୍ରୁର ଶାସନ
ଲୋମହର୍ଷଣକାରୀ ସେ ଅତ୍ୟାଚାର
ରୋକିବା ପାଇଁ କି
ଧରଣୀ ହାତରେ ଅହିଂସାର ଲାଠି
ଜାତୀୟ ସମର ଶତ ଶତ ବୀରଗଣ
ଲଢି ହରାଇଛନ୍ତି କେତେ ମୁଣ୍ଡ...

ଜୀବନ କାଳରେ ସହି ନିର୍ଯ୍ୟାତନା
ନ ଥିଲା ମନେ ଦୁଃଖ କି ଅନୁଶୋଚନା !
ଭାରତବର୍ଷର ମୁକ୍ତି ପାଇଁ
ହଜିଥିଲା ତାଙ୍କ ଆଖିରୁ ନିଦ
ବିଦେଶୀ ସରକାର ନିଷ୍ଠୁର ଆଘାତେ
କ୍ରୁର ବାକ୍ୟବାଣେ ହେଉଥିଲେ ସଦା ପରାହତ...

ସ୍ୱାଧୀନତାର ଅର୍ଦ୍ଧ ଶତାବ୍ଦୀ ପରେ ବି
ସବୁଠି ଦେଖା ଦେଇଛି ଅରାଜିକତା
ଶାନ୍ତି ନାମରେ ଅଶାନ୍ତର ବିଭୀଷିକା
ଗାନ୍ଧୀ, ଯିଶୁ, ଗୋପବନ୍ଧୁ ,ନେହୁରୁ
ଶିଖାଇଥିଲେ ଯେଉଁ ଅହିଂସାର ମନ୍ତ୍ର
ଲିଭିଛି ଆଜି ମନରୁ ସଭିଙ୍କର ...

ତିରଙ୍ଗା ପତାକା ଉଡେ ଫରଫର
ହୃଦୟ କନ୍ଦରରେ ଆସେ କୋହ
ଚକ୍ଷୁ ବନ୍ୟାରେ ପ୍ଲାବିତ ହୋଇ ମନ ମରିଯାଏ
ହଜିଛି ଭାତୃଭାବର ମୂଲ୍ୟ
ହଜିଛି ଏକତା ଭାବ
କରାଳ ରଡି ଛାଡେ ଆତ୍ମା ଘନଘନ...

ଡରିବନି ବୋଲି କାହାକୁ ବୋଲି
ମା ନାମ ଦେଲା ନିର୍ଭୟ ମୋର
ହେଲେ ମହିଷାସୁର, ଦୁଃଶାସନ ହାତେ ହେଲି ବିବସ୍ତ୍ର
ଯୋଗୀ ବେଶେ ଏଠି ରାବଣ ବୁଲଇ
ବୁଭୁକ୍ଷାର କ୍ଷୁଧାରେ ଶିକାର ହୁଅଇ...

ବିଭୀଷିକା ରାତ୍ରୀ ବଢିଲେ ବଢଇ ଭୟ
ଆତ୍ମା ବିବେକ ହୁଅଇ ଦଗ୍ଧ
ଧ୍ୱଂସ ବିଧ୍ୱଂସ କରିବାକୁ
ଆସେ ହୋଇ ଆଗଭର
ଭଗ୍ନ ନଗ୍ନ ଏ ଜରାଜୀର୍ଣ୍ଣ
ଏଇ ଆମ ସ୍ୱାଧୀନ ଭାରତ...

ନାରୀ ଏଠି ବସ୍ତୁ ହେବା ପାଇଁ
ସାଜିଛି ଭୋଗ୍ୟା
ନିର୍ଯ୍ୟାତନା ସହି ହୁଏ ପତିତା ଦ୍ରବ୍ୟ
ଏଇ ଆମ ସ୍ୱାଧୀନ ଭାରତ ଦେଶର
ସ୍ୱାଧୀନ ନାଗରିକ ନାମେ
ପିଟୁଛେ ଆମେ ଡିଣ୍ଡିମ.....

କେହି କ'ଣ ବୁଝିପାରେ
କାହା ହୃଦୟର ବେଦନା ?
ଧନ ଗର୍ବେ ଅନ୍ଧହୋଇ
ଭୋକିଲା ପେଟର ତଣ୍ଟିଚିପି ଦିଏ
ମୁଠାଏ ଅନ୍ନ ପାଇଁ ବାରପିଣ୍ଡା ତେରଶୁଣ୍ଡି ହୋଇ ବୁଲେ

ହୃଦ ସ୍ପନ୍ଦନରେ ମରୀଚିକା ବସା ବାନ୍ଧେ...

ଆଜି ନାହିଁ ସ୍ୱାଧୀନତା
ସବୁଠି ଲାଗିଛି ଶତ୍ରୁର ନିଆଁ
ହିଂସା ଓ ଇର୍ଷାରେ ଭରିଛି
ସବୁଠି ଖେଳିଛି ଦୁଃଖ କରାଳ ଲହରୀ
ସତ୍ୟର ଲୋପପାଇ
ପାପ ଭାର ହୋଇଛି ଭାରି...

ଆଇନ ଏଠି ଗଢେ ଯିଏ
ଭାଙ୍ଗୁଛି ସିଏ
ଏଠି ଦାଉରୀ ଜୁଇରେ ଜଳେ ଅବଳା
ଅନାହାରେ ମରେ ଗରିବ ବାପୁଡା
ଏଇ ଆମ ସ୍ୱାଧୀନତା
ବିପନ୍ନ ଆଜି ଭାରତମାତା...

ମାନବିକତାର ତଣ୍ଟିଚିପି ହେଉଛି ହତ୍ୟା
ସବୁଠି ଦିଶେ ପ୍ରଳୟର ବିଭୀଷିକା
ମନରେ ଜଳୁଛି ଅସଂଖ୍ୟ ଯନ୍ତ୍ରଣା
ଆସ ଆମେ ପୁଣି ସ୍ୱାଧୀନ ହେବା

ଖୁସିରେ ଜୀବନ ଜୀଇଁବା

ଶାନ୍ତି ମୈତ୍ରୀର ଧ୍ୱଜା ଉଡାଇବା...

*****

ଅଧ୍ୟାପିକା

ତୁଳସୀ ମହିଳା ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା



# ମୋ ଗାଁ

ବିଶ୍ୱ ରଞ୍ଜନ ତ୍ରିପାଠୀ

**ମୋ** ଗାଁ ମୋ ମାଟି ଅଟେ ଅତିବ ସୁନ୍ଦର,
ଆହା କି ରୂପ ତାର ଅଟେ ମନୋହର ।
ତାର ରୂପ ଅଟେ ପରା ଅମୂଲ ମୂଲ,
ସେହି ରୂପ ସଙ୍ଗେ କେହି ନୁହେଁ ସମତୁଲ ।
ଗାଈଗୋଠ ବେଳେ ସେହି ଗଉଡ଼ ଟୋକାର ଡାକ,
ଜାନୁ ଘଣ୍ଟିଆର ସେହି କଣ୍ଠ ଫଟା ଗୀତ ।
ବୀଣା, ଖଞ୍ଜଣି, ଖୋଳ ପୁଣି କେନ୍ଦରାର ସ୍ୱର,
ଦଣ୍ଡନାଚ ସାଥେ ଥାଏ ଖୁସିର ସମ୍ଭାର ।
ଭାଦ୍ର ମାସେ କୁଆଁରୀଙ୍କ ଭାଲୁକୁଣୀ ଓଷା,
ମାର୍ଗଶିର ମାସେ ପୁଣି ହୁଏ ମାଣବସା ।
ଜହ୍ନିଓଷା ପରେ ହୁଏ ରାଇଦାମୋଦର ଓଷା,
କୁଆଁରୀରୁ ବୁଢୀ ସର୍ବେ ପୂଜନ୍ତି ଗାଈ ଘୋଷା ।

ଚାଷୀ ଯାଏ ହଳଧରି, ହୁରରରର ଡାକ ଛାଡି,
ହଳସାଥେ କେତେ ଢଗ ସବୁ ତା'ର ଯାଏ ମନେପଡି ।
ଲୁଣ ଆମ୍ବୁଲ ସାଥେ ଚାଷୀ ଖାଏ ପଖାଳ କଂସା,
ବିନା ପଖାଳରେ ଚାଷୀର ଉଡ଼ିଯାଏ ହଂସା ।
ଗାଁ ମୁଣ୍ଡ ବରଗଛ ତଳେ ତାସ ସହ ପଶାପାଲି,
ଦିନେ ନଖେଳିଲେ ମନ ଅଥୟ ହୁଏ ଖାଲି ।
ପଖାଳର ସାଥେ ବୋଉହାତ ଶାଗଭଜା, ବଡ଼ିଚୁରା,
ପର୍ବପର୍ବାଣୀରେ କେତେ ପିଠା ସାଥେ ଆରିସା କାକରା ।
ପୋଖରୀ ଗାଧୁଆ ସାଥେ ସେହି ମାଛଧରା କଥା,
ରଜରେ ସେ ଦୋଳି ଖେଳ ପୁଣି ଖିଲିପାନ ମଜା ।
ଅପରାହ୍ନେ ଗାଈଗୋଠ ଗୋଧୂଳିର ଦାଣ୍ଡ,
ମଲ୍ଲୀ ଆଈର ଗୋବର ଗୋଟାଇବା କାଣ୍ଡ ।
ସନ୍ଧ୍ୟାବେଳେ ଗାଁ ମନ୍ଦିରର ସେହି ଭଜନ କୀର୍ତ୍ତନ,
ରାତି ଟିକେ ହେଲେ ସାହି ଭାଗବତ ତୁଙ୍ଗି ହରିନିଏ ମନ ।

*****

**ଖୋର୍ଦ୍ଧା**



# ପାଗଳ ମୌସୁମୀ

କରିସ୍ମିତା କର

**ହେ** ମୋର ଦିଗଭ୍ରଷ୍ଟା
ପାଗଳ ମୌସୁମୀ,
କେବେ ତମେ ଢାଳିଦେବ
ମୋ ଦେହରେ ପ୍ରୀତିର ଆଞ୍ଜୁଳି ।
ଯଦି କେବେ ବୁଲିଆସ
ଏହି ମୋ ଗଳିର
ଛୋଟିଆ ବାତାୟନ ବାଟେ,
କରୁଣା କରି ଗୋ
ଆଗହୁ ସନ୍ଦେଶ ଦେବ ।
ଅପେକ୍ଷାରେ ମନ ମୋର
ପାଇବାକୁ ତୁମର ସେ ଚୁମ୍ବନର ସ୍ପର୍ଶ ।
ଆଗୋ ସେ ରୋପ୍ୟ ଭରା

ଟିପି ଟିପି ଜଳ ବିନ୍ଦୁ ତକ,
ଆଞ୍ଜୁଳା କରି ମୁଁ
ସାଇତି ରଖିବି
ଏହି ମୋ ଅଭାଗିନୀ ହସ୍ତେ ।
ହେ ମୋର ପାଗଳ ମୌସୁମୀ
କେହି କେବେ ଡେରି ହେବାର
ଅଭିଯୋଗ ବାଢେ,
କହିନେବ ଦିଗଭ୍ରଷ୍ଟା ହୋଇଥିଲି
ପ୍ରିୟାର ପ୍ରଦେଶେ ।

*****

**ମାହାଙ୍ଗା, କଟକ**




ଆହେ ରଘୁ ନନ୍ଦନ ଜାନକୀ ବନ୍ଦନ
ଅଯୋଧ୍ୟାର ଶିରିପତି
ତୁମ୍ଭ ଲୀଳା କ୍ରମେ ବିଶ୍ୱେ ଆଜି
ଭାରତ ଲଭିଛି ଖ୍ୟାତି ||

ମଙ୍ଗଳକାରୀ ତୁମେ ଅମଙ୍ଗଳ ହାରୀ
ସତ୍ୟ ରକ୍ଷାକାରୀ ତୁମେ ପବିତ୍ର ମୁରାରୀ ||

ପାଞ୍ଚଶହ ବର୍ଷର ଅପେକ୍ଷାର ଫଳ
ହୋଇ ଅଛି ଆଜି ମିଠା
ନରେନ୍ଦ୍ର ମୋଦିଙ୍କ କରକମଳରେ
ପୁଣ୍ୟ ଭୂମି  ହୋଇଛି ପ୍ରତିଷ୍ଠା  ||

ଭବ୍ୟ ଅଯୋଧ୍ୟାରେ ହେବ ଭୂମିପୂଜା

ସ୍ଥାପନା ହୋଇବ ଭିତ୍ତି
ମର୍ଯ୍ୟାଦା ପୁରୁଷ ଶ୍ରୀ ପୁରୁଷୋତ୍ତମ
ପାଇବେ ପୂଜା ନିଇତି ||

ଶ୍ରୀ ରାମ ଜୟ ଧ୍ୱନିରେ କମ୍ପି ଉଠୁଛି
ରାମଙ୍କର ଜନ୍ମ ମାଟି
ଭୂମି ପୂଜା ଦେଖି ଭକ୍ତ ଜନଙ୍କର
ଛାତି ଖୁସିରେ ଯାଉଛି ଫାଟି ||

ଅଯୋଧ୍ୟା ନଗରୀ କମ୍ପିଉଠେ ଆଜି
ଘଣ୍ଟ, ଘଣ୍ଟା ଶଙ୍ଖ ସ୍ୱରେ
ବହୁ ପ୍ରତୀକ୍ଷାର ଅନ୍ତ ଘଟିଅଛି
ଆନନ୍ଦେ ଅଯୋଧ୍ୟା ନଗରୀ ପୁରେ ||

ପ୍ରତି ଘରେ ଜଳୁ ଅଖଣ୍ଡର ଦୀପ
ଶୁଭୁ ଜୟ ଜୟ ଶ୍ରୀ ରାମ
ଅନ୍ୟାୟ ଅନୀତି ଦୂରହେବ ଏବେ

ସୁଫଳ ଲଭିବ ଆମ କାମ ||
ଧନ୍ୟ ଧନ୍ୟ ହେ ପୁରୁଷୋତ୍ତମ

ଦଶରଥ ଶିରୋମଣି

ଲକ୍ଷ୍ମଣ ଅଗ୍ରଜ ସୀତାଙ୍କର ନାଥ

ଅଯୋଧ୍ୟା ନଗର ମଣି ॥

*****

**ରାଜକନିକା, କେନ୍ଦ୍ରାପଡା**




ଧେଇକି ଧିନା, ଧେଇକି ଧିନା
ଗୁଡ଼ିଆ ନାଚୁଛି ତାଧିନ ଧିନା, ଧେଇକି ଧିନା ।୧।
ନାଚ ଗୀତ କରି ସଭିଏଁ ଶିଶୁଙ୍କୁ
ଜଣାଏ ସ୍ୱଚ୍ଛତା ଲାଭ ଟି ସିନା, ଧେଇକି ଧିନା ।୨।
ଚାରିଆଡେ ଛେପ ଖଙ୍କାର ପକାଏ
ଦାନ୍ତ ଘଷେ ନାହିଁ ଭାଲୁ ଭାଇନା, ଧେଇକି ଧିନା ।୩।
ପାଇଖାନାକୁ ନ ଯାଇ କୁକୁର
ଝାଡା କରି ରାସ୍ତା କରେ ଅସନା, ଧେଇକି ଧିନା ।୪।
ବିଲେଇ ନାନୀ ଲୁଗା କାଚେନା
ଗାଧୁଆ ତୁଠରେ ସାବୁନ ଲଗାଇ
ଗାଧୋଇ ହୁଏ ମୂଷିକ ମୁନା, ଧେଇକି ଧିନା ।୫।
ଘୁଷୁରୀ ପୋଚରୀ ହାତ ଧୁଏନା

ଅଧୁଆ ହାତରେ ଖାଇବ ସିନା, ଧେଇକି ଧୃନା ।୬।
ପେଟ ବେମାରୀରେ ପଡ଼ିଯାଏ ସେତ
ପରିମଳ କଥା ଭୁଲିଯାଏନା, ଧେଇକି ଧୃନା ।୭।
ବାଘ ରାଜା ଗାଁ ମଝିରେ ସିନା
ଥନ୍ତଲ ପେଟୁଆ ମଞ୍ଜା ପାରେନା, ଧେଇକି ଧୃନା ।୮।
ଗାଁରେ ସଭିଏଁ ଏକାଠି ହୋଇଲେ
ସୁତୁରା କଥା କରି ବର୍ଣ୍ଣନା, ଧେଇକି ଧୃନା ।୯।
ସଭିଏଁ ସକଳ୍ପ ଏକାଠି କରିଲେ
ସ୍ୱଚ୍ଛ ଭାରତକୁ କରି ଯୋଜନା, ଧେଇକି ଧୃନା ।୧୦।

*****

**ଗୁଡ଼ିଆନାଳୀ, ଢେଙ୍କାନାଳ**



# ଜନ୍ମାଷ୍ଟମୀ ଜଣାଣ

ସୌଭାଗ୍ୟ ରଞ୍ଜନ ମହାପାତ୍ର

**ଭା**ଦ୍ରବ ମାସର ଅଷ୍ଟମୀ ତିଥିରେ
ଜନମିଲୁ ପ୍ରଭୁ ତୁହି ।
କଂସ ମାମୁଁ ବନ୍ଦୀ ଘରେ ଜନମିଣ
ଗୋପରେ ବଢିଲୁ ଯାଇ ।।

ଗୋପପୁରେ କେତେ ଲୀଳା ରଚି ପ୍ରଭୁ
ଗୋପାଳ ବାଳକ ସଙ୍ଗେ ।
ରାସ ରଚିଗଲ ଗୋପାଙ୍ଗନା ମେଳେ
ବଇଁଶୀ ବଜାଇ ରଙ୍ଗେ ।।

ପାପର ଦଳନ ଧର୍ମ ସଂସ୍ଥାପନ
ପାଇଁ ତୁମେ ଆସ ହରି ।
ଭକ୍ତଙ୍କୁ ଉଧାର କରିଣ ଧରମ

ଧ୍ୱଜା ଦିଅହେ ଉଡାଇ ॥

ନିଷ୍ଠାରେ ଯେ ଭକ୍ତ ପାଳଇ ଏ ବ୍ରତ
ମିଳେ ତାକୁ ପୁତ୍ର ଧନ ।
ମିଳେତାକୁ ମାନ ସନମାନ ଆୟୁ
ଅଭିଷ୍ଟ ହୁଅଇ ପୂର୍ଣ୍ଣ ॥

ଦୋଷଥିଲେ କ୍ଷମା କର ମତେ ପ୍ରଭୁ
ତୋ ଚରଣେ ଦିଅ ଠାବ ।
ଭକ୍ତ ଭଗବାନ ସଂପର୍କ ଆମର
ଯୁଗେ ଯୁଗେ ରହିଥିବ ॥

*****

**ବୈଦିକ ମହାବିଦ୍ୟାଳୟ,**
**ସମ୍ବଲପୁର**

# ନିତି ଦେଖେ ଏକ ସୂର୍ଯ୍ୟର ମୃତ୍ୟୁ



ଶୁଭଲକ୍ଷ୍ମୀ ଦାସ

**ସେ**ଇ ସନ ମାତୃଭୂମିର ଦୁର୍ଗତି ସରିଲା,
ପରାଧୀନ ଜୀବନର ଶେଷ ଯେ ହୋଇଲା ।
ନବସୂତ ଉଇଁଲା ଯେ ସ୍ୱତନ୍ତ୍ର ପରିଚୟ ଘେନି,
ଆଡୁଆଲେ ଅଗଣିତ ବୀର ପୁତ୍ର ବୋଲାଇଲେ ମହାଦାନୀ ।
ନିଜ ଜୀବନକୁ ବାଜି ଲଗାଇ ଅଚିରେ,
ସ୍ୱାଧୀନତାର ପୁଷ୍ପମାଲ୍ୟ ଦେଇ ଦେଶମାତୃକାର ଗଳାରେ ।
ଇଂରେଜ ହାକିମ ନିକଟେ ନ କରିଲେ ସମର୍ପଣ,
ଅସୀମ ସାହସ ବଳେ କରିଲେ ଗୋରା ଦମନ ।
ମହାନ ସେ ଜନ୍ମଦାତ୍ରୀ, ମହାନ ତା' ପୁତ୍ର-ପୁତ୍ରୀ !!
ଛତ୍ରଭଙ୍ଗ ଦେଲା ଶେଷେ କପଟୀ ଗୋରା ଶତ୍ରୁ,
ଦେଶପ୍ରେମେ ଜନତା ନିତି ଦେଖେ ଏକ ସୂର୍ଯ୍ୟର ମୃତ୍ୟୁ ।

*****

ସିଡିଏ, କଟକ

# ମୋ ବିନା ତୁମ ପ୍ରତିବିମ୍ବ ଅସମ୍ପୂର୍ଣ୍ଣ



ଚାରୁବାଳା ପାଢୀ

ଅସମ୍ପୂର୍ଣ୍ଣ ବୋଲି ମଣୁଛ କାହାକୁ ?
ପାରିବ କି ଦେଇ ଏ ପ୍ରଶ୍ନର ପ୍ରତ୍ୟୁତ୍ତର
ହେ ସଭ୍ୟ ସମାଜର ତଥାକଥିତ ନରନାରୀଗଣ !
ନା, ବୋଧେ ନାହିଁ ଏ ପ୍ରଶ୍ନର ଉତ୍ତର
ସେଥିପାଇଁ ଘୋଟିଗଲା,
ନୀରବତାର କଳା ବାଦଲ ।
କାରଣ,
ଜାଣନାହିଁ ବୋଧେ ତୁମେ
ଅସମ୍ପୂର୍ଣ୍ଣ ଆଉ ସମ୍ପୂର୍ଣ୍ଣର ସମାହାରେ
ଗଢା ଏଇ ଆମ ଜୀବନ ।

ଈଶ୍ୱରଙ୍କ ସର୍ଜନାରେ
କହିପାରିବ କି କେ ଅଟେ ସମ୍ପୂର୍ଣ୍ଣ ?

ନିରେଖି ଦେଖ ସେ ନୀଳାଭ ଗଗନକୁ,
ତାରା-ଶଶୀ ବିନା ହୋଇପାରିବ କି ସେ ପୂର୍ଣ୍ଣ,
ନା ଚନ୍ଦ୍ରମା ବିନା ଚନ୍ଦ୍ର ହୋଇପାରିବ ସମ୍ପୂର୍ଣ୍ଣ ।

ଧରା ସ୍ପର୍ଶ ବିନା ବାରି ହୁଏ କି ସମ୍ପୂର୍ଣ୍ଣ ,
ନା ସାଗର ବିନା ତଟିନୀ ହୋଇପାରେ ପୂର୍ଣ୍ଣ ।
ବିନା ରବି ତେଜେ ପଦ୍ମ ହୋଇପାରେ କି ସମ୍ପୂର୍ଣ୍ଣ,
ନା ସବୁଜିମା ବିନା ଶୋଭା ପାଇବ କାନନ ।

ତେଣୁ ହେ ପ୍ରଗତିଶୀଳ ସମାଜ,
ସବୁ ପୂର୍ଣ୍ଣ ଲାଗିଲେ ବି
ବାସ୍ତବରେ ଏଠି କିଛିଟା ଅପୂର୍ଣ୍ଣ ।
ଏଠି ପୂର୍ଣ୍ଣିମାର ଉପଭୋଗ ପାଇଁ
ଅମାବାସ୍ୟାକୁ ତ ଅତିକ୍ରାନ୍ତ କରିବାକୁ ହେବ,
ସମ୍ପୂର୍ଣ୍ଣତା ପ୍ରାପ୍ତି ପାଇଁ ଅସମ୍ପୂର୍ଣ୍ଣତାର
ସଂକୀର୍ଣ୍ଣତାକୁ ତ ଡେଇଁ ଯିବାକୁ ହେବ ।

*****

**ନାମି, ଭଦ୍ରକ**



# ଅଦୃଶ୍ୟ ଝଡ଼

ସୁଚିସ୍ମିତା ବେହୁରିଆ

**ଆ**ସିଛି ଏକ ଅଦୃଶ୍ୟ ଝଡ଼
ଭାଙ୍ଗି ଦେଉଛି ହଜାରେ ନୀଡ଼,
ବହି ଯାଉଛି ଆଖିରୁ ନୀର
ଛୁଇଁବା ମନା ନରକୁ ନର,
ସବୁରି ମନରେ ଗୋଟିଏ ପ୍ରଶ୍ନ ?
କେମିତି ବଞ୍ଚିବ ଜୀବିକା ଆଉ ଜୀବନ
ସମୟ ଏବେ ଭାରି କଠିନ
ଦୃଢ କରିବା ଆମରି ମନ,
ପାହିବ ରାତି ହୋଇବ ଦିନ
ନା ନିରାଶା ହେବା
ନା ହତାଶ ହେବା
ନିରନ୍ତର ପ୍ରୟାସ କରିବା

ବିଷାକ୍ତ ଭାଇରସ ସାଥେ ଲଢ଼ିବା,

ବିଜୟୀ ହେବା.....

ମନରେ ଅଛି ବିଶ୍ୱାସ

ହସିବ ଜଗତ, ହସିବ ଦେଶ

ସଫଳ ହେବ ଆମ ପ୍ରୟାସ...

*****

**ଗାଜିଆବାଦ୍**




**ରେ** ଲବଣୀ ଚୋର !

ପାରୁଛୁ ଯଦି ତୁ ନେଇଯା ଚୋରେଇ
କୋଟି କଳ୍ମଷ ସ୍ତରେ ଆସ୍ତରିତ
ସତ୍ତାହୀନ ସେଇ ଭକ୍ତିକୁ
କଳଙ୍କିତ ଭାବକାନ୍ତିକୁ,
ତୁଚ୍ଛ ଏ ପ୍ରାଣଶକ୍ତିକୁ
ମିଶାଇଦେ ଦେହେ ଭସାଇଦେ ସ୍ନେହେ
ଦେଖାଇଦେ ପଥ ଶାନ୍ତିକୁ
ଫିଟାଇଦେ ରାହା ମୁକ୍ତିକୁ...

ଭାଙ୍ଗି ସେ ମାନ ଅପମାନ ସରା
ନଶ୍ୱର ପ୍ରାଣ ଭ୍ରାନ୍ତିକୁ,
ଖୋଲିଦେଇ ମାୟାଗ୍ରନ୍ଥିକୁ

ହରିନିଅ ଧରାତଳେ ତିଳତିଳ
ତଳାନ୍ତ ଜରାକ୍ଳାନ୍ତିକୁ
ମିଶାଇଦେ ଦେହେ ଭସାଇଦେ ସ୍ନେହେ
ଦେଖାଇଦେ ପଥ ଶାନ୍ତିକୁ
ଫିଟାଇଦେ ରାହା ମୁକ୍ତିକୁ...

ଚୋରେଇ ନେ ମୋର ଅନିତ୍ୟର କାୟା
ପାଇବାର ସବୁ ଯୁକ୍ତିକୁ,
କାକୁସ୍ଥ ଏ ପ୍ରାଣ ଶରଣରେ ଆଜି
ଭାଙ୍ଗିଦେଇ ଶେଷ ଚୁକ୍ତିକୁ
ମିଶାଇଦେ ଦେହେ ଭସାଇଦେ ସ୍ନେହେ
ଦେଖାଇଦେ ପଥ ଶାନ୍ତିକୁ
ଫିଟାଇଦେ ରାହା ମୁକ୍ତିକୁ...

*****

ବାଲିଘାଟ, ପୁରୀ

# ବର୍ଷା, ପ୍ରିୟା, ସ୍ମୃତି



ପ୍ରିୟଦର୍ଶିନୀ ପଣ୍ଡା

ଶ୍ରାବଣର ରାତି ପ୍ରଜ୍ୱଳିତ ତାତି
ଆବେଗ ଅନେକ ଉଠିଥିଲା ମାତି ।
ପ୍ରିୟାର ଅଧରେ ରକ୍ତଜବା ଲାଜ
ଘାରିଥିଲା ନିଶା ପାଇ ତା ପରସ ।
ଅବିରତ ବର୍ଷା ଝରୁଥିଲା ଯେତେ
ମିଳନର ଅଗ୍ନି ଜାଳୁଥିଲା ସେତେ ।
କ୍ଷଣିକ ତୃପ୍ତି ସେ ଅକୁହା ଆନନ୍ଦ
ଝୁମୁଥିଲା ମନ ଶୁଣି ପ୍ରିୟା ଛନ୍ଦ ।
ରଖୁଥିଲା ମିଛେ ଜହ୍ନ ଜୋଛନାରେ
ମିଛ ରାଣ ଦେଇ ଲାଜକୁଳୀ ଧୀରେ ।
ଚାତକ ଯେପରି ନିର ଆସରାରେ
ଦୁହେଁ ହଜିଥିଲୁ ସେପରି ଦୁହିଁଙ୍କ ଭିତରେ ।

ଆଜି ପ୍ରିୟା ମୋର ସୁଦୂର ସହରେ
ଝୁରୁଛି ଶ୍ରାବଣ ବରଷା ବି ଝୁରେ ।
ଉଜାଗରେ ଆଜି ବିତିଯାଏ ରାତି
ମନେ ପଡେ ଯେବେ ଅତୀତର ସ୍ମୃତି ।

*****

**ଯାଜପୁର**




ବାସ୍ତବ ଜୀବନ ସପନ ରାଇଜରୁ ବହୁ ଦୂରରେ
ପ୍ରତି ମୁହୂର୍ତ୍ତରେ ମନ ତାକୁ ହିଁ ତ ଝୁରେ ।
ସପନ ରାଇଜେ ଝଲମଲ ଦିଶେ ଖାଲି ଖଣ୍ଡେ ହୀରା
ପାଖକୁ ଗଲେ ସେ ଅଲୋଡା କାଚର ଟୁକୁଡା ।
ସପନ ବେଳାରେ କିଏ ଯାଏ ଚୁମି
ପାଖକୁ ଗଲେ ସେ ପୁରା ମରୁଭୂମି ।
ନିରୀହ ମନରେ ତା ଅସୁମାରୀ ଖୁସି
ଜୀବନ ତ ଦାଉ ସାଧେ କେବେ ଯାଏ ରୁଷି ।
ଇଚ୍ଛା ସବୁ ମରିଯାଏ ହୁଏ ଯେ ଅଲୋଡା
ମନ ତାର ଭାଙ୍ଗି ସବୁ ହୁଏ କାଚର ଟୁକୁଡା ।
କଳ୍ପନାରେ ଗଢିଥାଏ ରାଜର ନଅର
ଜୀବନରେ ନଥାଏ ତା କେହି ଯେ ନିଜର ।

ବାଟବଣା ହୋଇଯାଏ ଅଜଣା ବାଟରେ

ହୃଦୟ ତା ଓଦା ହୁଏ ଏ ଆଖି ନୀରେ ।

ପ୍ରଶ୍ନ ପରେ ପ୍ରଶ୍ନ ପଚାରେ ଯେ ମନ

କିଏ ତୁ କହ ଧିକ ତୋ ଜୀବନ ।

ଶୂନ୍ୟ ଆକାଶକୁ ଖାଲି ଚାହିଁ ରହେ

ନିଜର ମନକୁ ନିଜେ ମୁଁ ବୁଝାଏ ।

ଦେଖି ନାହିଁ ସିନା କେବେ ସ୍ୱପ୍ନ ରଙ୍ଗହୀନ

ବଡ କଠୋର ଏ ବାସ୍ତବ ଜୀବନ ।

*****

ଆନନ୍ଦପୁର, କେନ୍ଦୁଝର



# ପୁରୁଣା ସହରରେ ଆଜି

ଲିପ୍ସା ଆଚାର୍ଯ୍ୟ

ପୁରୁଣା ସହରରେ ଆଜି
ବାଟ ଚାଲିଲା ବେଳେ
ଟଳମଳ ହୁଏ ଚରଣ,
ଅଜଣା ଭୟ ମନ ଭିତରେ ଜାଗେ
କାଳେ ଭୁଲି ଯାଇଥିବେ ସର୍ବେ ।
ନଭସ୍ୱାନ କାନେ କାନେ କହି ଯାଏ
ଚାଲେ ଡେଣା ମେଲାଇ ଉଡିଯିବା
ସହରର ସେ ପାଖରେ ଥିବା ପାର୍କକୁ,
ସାଙ୍ଗରେ ଥିବେ ମୀନା, ରିନା, ଟିନା ସବୁ
ଦୋଳିରେ ବସି ପାଦରେ ଛୁଇଁବା ନଭକୁ ।
ମାଳୀକୁ ଲୁଚାଇ ଚୋରାଇ ଆଣିବା
ମଞ୍ଜୁଆତୀ ପଲ୍ଲବ ହାତରେ ମାଖିବା ପାଇଁ ।

ହସ୍ତେ ରଙ୍ଗ ଦିଶଇ ଯେତେ ଗାଢ
ପ୍ରେମିକର ପ୍ରେମ କାଳେ ସେତେ ଗଭୀର ହବ
କହି କହି ସାଖି ମାରୁଥିବ ହାଇ,
ଫୁଲେଇ ହେଉଥିବି ମୁଁ
ଭୂମିକୁ ଗୋଡ ନଖରେ ଗାର ଟାଣି ଟାଣି ।
ଘଣ୍ଟା କଣ୍ଟା ପଛକୁ ଲେଉଟିବ
ମୁହଁରେ ଥିବା ବୟସର ଛାପ ଲୁଚି ଯିବ,
ସହରର ମୁଖ୍ୟ ଛକରେ
ଭିଜିବି ପୁଣିଥରେ ଶ୍ରାବଣର ଧାରାରେ ।
ଓଦା ଆଖିର ଧଳା ଭୂଲତାରେ ଲାଖିଥିବା ଲାଲ୍ ଦାଗ
ଆକର୍ଷଣ କରୁଥିବ ଆଗନ୍ତୁକ ପ୍ରେମିକକୁ ।
ଦରକାର ପଡିବ ନାହିଁ ହାତରେ ହାତ ଯୋଡି
ପାର୍କ କ୍ଲବ ବୁଲା କି ସିନେମା ଦେଖା,
ବାସ୍ ! ତୁମେ ତୁମ ସାଇକେଲରେ
ମୁଁ ମୋ ସାଇକେଲରେ
ରାସ୍ତାର ଦୁଇପାର୍ଶ୍ୱରେ ଅଚିହ୍ନା ବ୍ୟକ୍ତି ପରି ଚାଲୁଥିବା ।
ମନରେ ନୂତନ ପ୍ରଭାତର ଆଶା
ଆକାଶର ଜହ୍ନକୁ ତୋଳିବାର ଲାଳସା

ଭବିଷ୍ୟତର ଅନେକ ସମ୍ଭାବନାକୁ ନେଇ
ଆଗେଇ ଚାଲିଥିବ ସେଇ ଜୀବନ
ଆଜି କାଲିର ସମୟକୁ ପଛରେ ରଖି ।

*****

ହୁଡକୋ କଲୋନୀ,
ଭଞ୍ଜ ବିହାର, ବ୍ରହ୍ମପୁର



# ସତ୍ୟବାନର ପ୍ରତିଜ୍ଞା



ରାଧାମୋହନ ପୂଜାହାରୀ

**ଜୀ**ବନେ ଆସି ମୋ ବ୍ରତୀ ହେଲ ତୁମେ
ସଜେଇ ମଥାର ସିନ୍ଦୂର,
ତୁମେ ହିଁ ତ ମୋ ଆଶା ଓ ଭରସା
ନିଶ୍ୱାସ ମୋ ପ୍ରାଣ ବିନ୍ଦୁର ।
ମନର ମାନସୀ ମୋ ମନ ମୋହିନୀ
ହୃଦୟେ ରହିଲି ହେଇ ତୁମ ସଞ୍ଜ ଆଳତୀ,
ପ୍ରତିଦାନେ ମୁହିଁ ପ୍ରତିଜ୍ଞା କରୁଛି
ତୁମେ ହିଁ ମୋ ପ୍ରାଣ ମଧୁମାଳତୀ ।
ଶୟନେ ସପନେ ତୁମ ନିଷ୍ଠା ପ୍ରେମେ
ଶ୍ରଦ୍ଧାରେ ମୋ ମନ ଜିଣିଛ,
ତୁମେ ମୋ ସାବିତ୍ରୀ ମୁହିଁ ସତ୍ୟବାନ
ଆଜି, ତୁମେ ପ୍ରେମ ମୂଲ୍ୟେ ମୋତେ କିଣିଛ ।

*****

ସୁବର୍ଣ୍ଣପୁର



# ଶେଷ ଚିଠି

ଜ୍ୟୋତି ପ୍ରକାଶ ସାହୁ

ଚିଠି ତ ବହୁତ ଲେଖିଛି...
ତୁମର ପ୍ରତିବିମ୍ବ କାଗଜ ପୃଷ୍ଠାରେ ଆଙ୍କିଛି,
ବାରମ୍ବାର ମୋ କଲମ ସ୍ୟାହିର ଛିଟାରେ
ମୁଁ ତୁମକୁ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛି...

ତୁମେ ବୋଧେ ପଢ଼ିନ ସେସବୁ
ଆଉ ମୁଁ ଲେଖି ଲେଖି ଥକି ଯାଇଛି,
ଶେଷ ଚିଠି ବୋଲି ସିନା ଶୀର୍ଷକ ଅଛି ...
ହେଲେ କ'ଣ ଏ ମନ ତୁମକୁ ଚିଠି ଲେଖିବା ବନ୍ଦ କରିଦେଇଛି ?

ନା .. ତୁମକୁ ସେ ବର୍ଣ୍ଣନା କରିଛି ..
ନିସ୍ତବ୍ଧ ରାତିର ଅନ୍ତିମ ପ୍ରହରେ...
ତୁମକୁ ସେ ଖୋଜିଛି ସକାଳର ପହିଲି କିରଣରେ...

ପ୍ରତି ମୁହୂର୍ତ୍ତ ଯିଏ ତୁମକୁ ହିଁ ଭାବି ଖୁସି ହେଇ ଯାଉଛି
ସେ କ'ଣ ଶେଷ ଚିଠି ଲେଖି ତୁମକୁ ହରେଇ ଦେବନି ..??
ସେଥିପାଇଁ ସେ ଆଜି ନିଜ ମନ ଓ ହୃଦୟକୁ ବୁଝେଇ ଦେଇଛି,
ଚିଠିରେ ବି ହେଉ ନା କାହିଁକି ...
ସେ ତୁମ ସହ ଦେଖା କରିବାର ବାହାନା ବୋଧେ ପାଇଯାଇଛି...

*****

**କାମାକ୍ଷାନଗର, ଢେଙ୍କାନାଳ**




# କେତେ ଦିନ

ଏମିତି ଏକ ମିଛ ପ୍ରତିଶ୍ରୁତିର ପ୍ରହେଳିକା ଭିତରେ
ନିଜକୁ ଖେଳାଇ ରଖୁଥିବା...

ମୂଲ୍ୟହୀନ ସପନ ମାନଙ୍କୁ
ଯାଯାବରର ସଂଜ୍ଞା ଏମିତି ହିଁ ଆମେ ଦେଉଥିବା...

କେତେଦିନ
ଏମିତି ହିଁ ଅଜସ୍ର ପ୍ରଶ୍ନ ମାନଙ୍କୁ ଛାତି ଭିତରେ ଲୁଚାଇ
ମିଛ ହସ ଖୁସିର ଲହଡ଼ି ଭାଙ୍ଗୁଥିବା...

ଏମିତି ଲାଗେ ଆଜି ସତେ ପ୍ରତିଶ୍ରୁତିବଦ୍ଧ ଜୀବନ ବଞ୍ଚିବାର
ସ୍ୱପ୍ନ ଦେଖିବାଟା ବୋଧ ହୁଏ ଭୁଲ୍ ଥିଲା
କାରଣ ହାତରେ ହାତ ଛନ୍ଦି

ଜୀବନର ପ୍ରତ୍ୟେକ ପାହାଚକୁ ଗଣିବା
ଆମ ଭାଗ୍ୟ ପକ୍ଷରେ ସପକ୍ଷ ହିଁ ନ ଥିଲା ।

*****

**କଦମସାହି, ବାଲେଶ୍ୱର**

# ଯନ୍ତ୍ରଣାର ଲହୁ



କାହ୍ନୁ ଚରଣ ସାହୁ

ହୃଦୟରେ
ଉଠୁଥିବା ଅନେକ ଜୁଆର
ଆଉ ଭଟ୍ଟାର ପରିଣତି
ଝଲସି ଉଠେ ଦୁଇ ଆଖିରେ ।

ଆପେ ଆପେ
ନିର୍ଝରଣୀ ପାଲଟି ଯାଏ
କେବେ ଦୁଃଖରେ କେବେ ଖୁସିରେ ।

ଆନନ୍ଦର ଅଶ୍ରୁ
କଷ୍ଟ ଯନ୍ତ୍ରଣାର ଲହୁ
ପ୍ରକାଶ କରିଦିଏ ଛାତିତଳେ
ସାଇତି ଥିବା ଅନେକ କିଛି ।

ଲେଖିବାକୁ ପ୍ରୟାସ କଲେ
ପାଲଟି ଯାଆନ୍ତା ବିରାଟକାୟ ପୁସ୍ତକ
ଏଥିରେ ସନ୍ଦେହ ନାହିଁ.....!!

*****

**ସମ୍ପାଦକ: ସୃଷ୍ଟି ସମ୍ଭାର**
**ପଣ୍ଡକାମାଳ, ମ.ରାମପୁର,**
**କଳାହାଣ୍ଡି**




ମୁଁ ହଜି ଯିବାକୁ ଚାହେଁ..
ସମୁଦ୍ରର ସେଇ କୋଳାହଳମୟ ବେଳାଭୂମି ଉପରେ
ଯେଉଁଠି ତୁମ ସହ ମୋର
ପ୍ରଥମ ଦେଖା ପାଲଟି ଯାଇଥିଲା ଅଭୁଲା ସ୍ମୃତିଟିଏ...
ମୁଁ ହଜି ଯିବାକୁ ଚାହେଁ..
ଆମ ଗାଁ ସେଇ କଉଡିଆମାଳ ତାଳବଣରେ
ଯେଉଁଠି ତୁମେ ମୋତେ ନେଇ
ସ୍ୱପ୍ନ ଦେଖିଥିଲ ଗଢିବାକୁ ଛୋଟ ନଅରଟିଏ...
ମୁଁ ହଜି ଯିବାକୁ ଚାହେଁ..
ବଗିଚାର ସେଇ ସୁନ୍ଦରୀ ଫୁଲମାନଙ୍କ ଗହଣରେ
ଯେଉଁଠି ତୁମେ ମୋତେ
ଉପହାର ଦେଇଥିଲ ଗୋଲାପ ଫୁଲଟିଏ...

ମୁଁ ହଜି ଯିବାକୁ ଚାହେଁ..
ପାନ୍ଥଶାଳାର ସେଇ ଅସଂଖ୍ୟ ଲେଖା ଭିତରେ
ଯେଉଁଠି ତୁମେ ମୋ ପାଇଁ
ଲେଖିଥିଲ ଅକୁହା ପ୍ରେମ ଗପଟିଏ...
ମୁଁ ହଜି ଯିବାକୁ ଚାହେଁ..
ପୁଣି ସେଇ କଲେଜ ଫେରନ୍ତା ପାଦଚଲା ରାସ୍ତାରେ
ଯେଉଁଠି ତୁମେ ମୋ ଗଣ୍ଡଦେଶରେ
ଆଙ୍କି ଦେଇଥିଲ ପ୍ରୀତିଭରା ଚୁମ୍ବନଟିଏ...
ମୁଁ ହଜି ଯିବାକୁ ଚାହେଁ..
ସେଦିନର ସେଇ ଭୟଙ୍କର ଝଡ଼ ତୋଫାନ ରାତିରେ
ଯେଉଁଠି ତୁମେ ମୋତେ ଦେଇଥିଲ
ସାରା ଜୀବନ ନିଜର କରିବାର ପ୍ରତିଶ୍ରୁତିଟିଏ...
ମୁଁ ହଜି ଯିବାକୁ ଚାହେଁ..
ଶ୍ମଶାନର ସେଇ ଧୂଳି ମିଶା ଜୁଇ ପାଉଁଶରେ
ଯେଉଁଠି ତୁମେ ଯେତେ ଖୋଜିଲେ ବି ପାଇବନି
ମୋ ଅସ୍ତିତ୍ୱର ଛୋଟ ଛବିଟିଏ...

*****

ସାନ୍ତରାପଲ୍ଲୀ, ଗଞ୍ଜାମ



# ଅନ୍ତିମ ବିଦାୟ

ହୃଦୟାନନ୍ଦ ପଧାନ

ଅସୁମାରୀ ଜହ୍ନ ରାତ୍ରୀ ତାରକା ଖଚିତ
ଅପଲକ ନେତ୍ର ଛିଟା କ୍ଷଣିକ ମୁହୂର୍ତ୍ତ ।
ଭାବନାରେ ଆଙ୍କିଚାଲେ କେତେ ଇତିହାସ
ସ୍ୱପ୍ନ ପୁଣି ବେଳ ବେଳେ ଲାଗଇ ନିରାଶ ।
କେତେବେଳେ ହସୁଥାଏ ସୁନ୍ଦର ପଣରେ
ପୁଣି କେବେ କାନ୍ଦୁଥାଏ ଦୁଃଖ ଦରିଆରେ ।
ଭଲପାଇ ଜୀବନକୁ କଲି ନର୍କ ପୂର୍ଣ୍ଣ
ଜୀବନ ଯନ୍ତ୍ରଣା ହେଲା ସାର୍ଥକ ବରଣ ।
ପ୍ରେମରୂପୀ ନାରୀମାୟା ଅଜଣା ସଂସାରେ
ମୁଁ ମାନବ ଆଜି କିମ୍ବା ଜାଣିବି ସତରେ ।
ଛଳଛଳ ନୟନର ଦରଦ ଦୁଃଖରେ
ଫାଟିପଡେ ହୃଦୟ ମୋ ତୁମରି ସ୍ମୃତିରେ ।
ଅତୀତ ଦେଉନି ମୋତେ ତୁମକୁ ଭୁଲିବାକୁ

କେମିତି ବଞ୍ଚୁଛି ପ୍ରିୟେ ଚେଷ୍ଟାକର ଜାଣିବାକୁ ।
ଶୋଇଥିବ ତୁମେ ଆଜି ଚାନ୍ଦିନୀ ଶଯ୍ୟାରେ
ମୁଁ ଯେ ଭାସି ଜଳୁଅଛି ମଶାଣି ଭୂଇଁରେ ।
ସଜ ହେଉଥିବ ତୁମେ ଷୋଳସିଙ୍ଗାରରେ
ରତ୍ନପଲଙ୍କରେ ବସି ହସୁଥିବ ଆନନ୍ଦରେ ।
ଭୁଲିଯାଇଥିବ ତୁମ ପ୍ରଥମ ପ୍ରେମକୁ
ମିଳିଗଲା ଯେବେ ତୁମ ରାଜକୁମାରକୁ ।
ଯୌବନ ବନାନୀ ତୁମ ଫାଟି ପଡୁଥିବ
ମାଦକ ଗନ୍ଧରେ ତୁମେ ହସି ଗଡୁଥିବ ।
କୀର୍ତ୍ତିମୟୀ ନରତକିଗୋ ଆହ୍ଲାଦଦାୟିନୀ
ନୃତ୍ୟ କରୁଥିବ ତୁମେ ବେସୁରା ରାଗିଣୀ ।
ପ୍ରତି ରାତି କାଟୁଚି ମୁଁ କେତେ ଦୁଃଖଦରେ
ଜାଣିବନି ତୁମେ କିମ୍ବା ରହିଲ ସୁଖରେ ।
ମରଣର ଜ୍ୱାଳା ମୁଖେ ମରିପାରୁ ନାହିଁ
ଜୀବନ ବଂଚିକି ଆଜି ଆଉ ଲାଭ ନାହିଁ ।
ଶେଷହେଲା କବିତାର ଅନ୍ତିମ ପଂକ୍ତିରୁ
ବିଦାୟ ନେଉଛି ଏହି ମର୍ତ୍ତ୍ୟ ଦରବାରୁ ।

***** **ଅମରପାଲି , ସୁବର୍ଣ୍ଣପୁର**

# ଗଦ୍ୟ ବିଭାଗ

*" ଅଙ୍କୁରୋଦଗମ ହେବାର କ୍ଷମତା ତ ପ୍ରତ୍ୟେକ ବୀଜ ପାଖରେ ଥାଏ କିନ୍ତୁ ଉପଯୁକ୍ତ ଜଳବାୟୁ ବା ସୂର୍ଯ୍ୟକିରଣ ନ ପାଇଲେ ତାହା ସେହି ବୀଜ ହୋଇ ପଡିରହେ । ସମୟାନ୍ତରରେ ସେହି ବୀଜ ପଚିସଢି ନଷ୍ଟ ହୋଇଯାଏ । କିନ୍ତୁ ଉପଯୁକ୍ତ ଜଳବାୟୁ ପାଇଲେ ବୀଜଟିଏ ମହାଦ୍ରୁମରେ ପରିଣତ ହୋଇ ଫୁଲ, ଫଳ, ଛାୟା ପ୍ରଦାନ କରେ । "*

***- ସୌଭାଗ୍ୟବତୀ ଗିରି***



# ସ୍ନେହର ପଣତ

ତପସ୍ୱିନୀ ଦାଶ ଷଡଙ୍ଗୀ

ମୁକ୍ତା ମୁକ୍ତା ଶୁଭୁଛି କି ନାହିଁ ତୁମକୁ, ଆରେ ଡେରି ହେଲାଣି ମ୍ୟାଡାମ୍ ଜଲଦି ଆସ, ସେପଟେ ବହୁତ ଫର୍ମାଲିଟି ପୁରା କରିବାର ଅଛି ଯେ ଏମିତି କହି କାର୍ ପାଖରୁ ଡାକ ଛାଡୁଥିଲେ ସମ୍ବିତ୍ । ହଁ ହଁ ଆସୁଛି ! ବୁଝିଲ ନା ସମ୍ବିତ୍ ତୁମକୁ ବାହା ହେଇକି ତିନି ବର୍ଷ ହେଇଗଲା କେବେ ବି ତୁମକୁ ଲେଟ୍ ହେବା ଦେଖିନି । ତୁମେ ସିନା ପୁରୁଷ ପିଲା ଖାଲି ନିଜ କାମ ଶେଷ କରି ରେଡ଼ି ହୋଇଯାଅ । ଭାବିଲ ଥରେ ସ୍ତ୍ରୀ ଲୋକଙ୍କ କଥା । ନିଜକଥା ପରିବାର କଥା ବୁଝିଶୁଝି ବାହାରିଲା ବେଳକୁ ଲେଟ୍ ହେବ ନା ନାହିଁ କହିଲ । ହସି ହସି କହିଲା ମୁକ୍ତା । ମୁକ୍ତା ଜଣେ ଉଚ୍ଚ ଶିକ୍ଷିତା ଆଉ ପେଶାରେ ଜଣେ ଓ.ଏ.ଏସ୍ ଅଫିସର୍ । ସମ୍ବିତ୍ ଜଣେ ସୁନାମଧନ୍ୟ ଡାକ୍ତର । ମୁକ୍ତାର ଚିନ୍ତାଧାରା ସମସ୍ତଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେହି ଭିନ୍ନ ଚିନ୍ତାଧାରା ଭିତରେ ତା'ର ଏକ ଇଚ୍ଛା ଥିଲା ଅନାଥାଶ୍ରମରୁ ଏକ ଛୁଆ ଆଣି ପାଳିବାକୁ । ସେଥି ପାଇଁ ସେ ସମ୍ବିତଙ୍କ ସହିତ ଆପୋଷ ବୁଝାମଣା କରି ସ୍ଥିର କରିଛନ୍ତି ନିଜେ

ଛୁଆ ଜନ୍ମ ନ'କରି ଅନାଥାଶ୍ରମରୁ ଛୁଆଟିଏ ଆଣି ମାତୃତ୍ୱର ସୁଖ ପାଇବାକୁ । ପ୍ରଥମେ ପ୍ରଥମେ ସମ୍ବିତ୍ ଅମଙ୍ଗ ହେଉଥିଲେ ସିନା କିନ୍ତୁ ଏବେ ରାଜି । କିନ୍ତୁ ଶାଶୁ ଶ୍ୱଶୁରଙ୍କୁ ମନେଇବା ଏତେ ସହଜ ନଥିଲା ମୁକ୍ତା ପାଇଁ । ସେମାନେ ଶିକ୍ଷିତ ହୋଇଥିଲେ ବି ସେଇ ପୁରୁଣା କାଳିଆ ଚିନ୍ତାଧାରାକୁ ସେମାନେ ଧରି ବସିଛନ୍ତି । ସେମାନଙ୍କୁ ନିଜର ନାତିଟିଏ ଦରକାର ବଂଶକୁ ଆଗକୁ ନେବା ପାଇଁ । ତଥାପି ମୁକ୍ତା ଆଉ ସମ୍ବିତ୍ ଭାବି ନେଇଛନ୍ତି ସମୟ ସହିତ ସବୁ ଠିକ୍ ହୋଇଯିବ । ଆଉ ଆଜି ବାହରିଛନ୍ତି ଅନାଥାଶ୍ରମ । ଦୁହେଁ ଅନାଥାଶ୍ରମରେ ପହଞ୍ଚିଲେ ଆଉ ସବୁ ଫର୍ମାଲିଟି ପୂରଣ କରି ଘରକୁ ନେଇ ଆସିଲେ ଏକ ଦୁଇ ତିନି ମାସର କୁନି ଝିଅକୁ । ସେମାନେ ଦୁହେଁ ଭଲ ଭାବେ ବୁଝି ସାରିଥିଲେ ଯେ ତାଙ୍କ ଏ ପଦକ୍ଷେପ ଘରେ ଅନ୍ୟମାନଙ୍କୁ ଭଲ ଲାଗିବନି । ହୁଏତ ଏ କୁନି ଝିଅଟିର ଗୁଲୁଗୁଲିଆ ହସ ଓ ସରଳିଆ ମୁହଁ ଦିନେ ସମସ୍ତଙ୍କ ମନକୁ ମୋହି ନେବ । କାର୍ ଘରର ଗେଟ୍ ଭିତରକୁ ପଶିଲା । ହେଲେ କେହି ବି ଜଣେ ଖୁସିରେ ବାହାରକୁ ଆସିଲେନି । ମୁକ୍ତାକୁ ଖରାପ ଲାଗୁଥିଲା ସତ କିନ୍ତୁ ସମ୍ବିତଙ୍କର ଉତ୍ତମ ବୁଝାମଣା ଓ ସହଯୋଗ ତା'ମନକୁ ଦମ୍ଭ ଦେଉଥିଲା । ଗୋଟେ ଝିଅ ପରଘରକୁ ଗଲେ ତା'କୁ କେହି ଆପଣାର କରନ୍ତୁ କି ନକରନ୍ତୁ ଯଦି ତା' ସ୍ୱାମୀ ଯାହାର ବିଶ୍ୱାସରେ ସେ ନିଜ ବାପଘର ଛାଡ଼ି ଆସିଥାଏ ସେ ଯଦି ଟିକିଏ ସହଯୋଗର ହାତ ପ୍ରେମର ପରଶ ଦେବ ତାହାଲେ ସେ ଝିଅକୁ ସରଗର ସୁଖ ମିଳିଥାଏ । ହୁଏତ ସେମିତି ଭାଗ୍ୟବତୀ

ଥିଲା ମୁକ୍ତା । କୁନି ଝିଅଟିର ନାମ ଦେଲେ ସ୍ଥିତି । ସ୍ଥିତି ରାତି ଯାକ ଶୁଆଇ ଦିଏନି ସମ୍ବିତ୍ ଆଉ ମୁକ୍ତାଙ୍କୁ ସକାଳ ହେଲେ ଶୋଇଯାଏ । ରାତି ଯାକ ଝିଅ ସହ ଅନିଦ୍ରା ହୋଇ ତା' ପରଦିନ ସମ୍ବିତ୍ ବାହାରନ୍ତି ହସ୍ପିଟାଲ୍ ଆଉ ମୁକ୍ତା ତା' ଅଫିସ୍ । କେବେ ବି ସମ୍ବିତ୍ ରାଗି ନାହାନ୍ତି ମୁକ୍ତା ଉପରେ ଓଲଟି କୁହନ୍ତି ତୁମେ ଟିକେ ଶୋଇପଡ଼ ମୁଁ ଦେଖୁଛି ସ୍ଥିତିକୁ । ଦିନଯାକ ଝିଅର ଦେଖାଶୁଣା କରିବାକୁ ଏକ ଗରିବ ସ୍ତ୍ରୀ ଲୋକକୁ ରଖିଲେ । ଯଦିଓ ଘରେ ସମ୍ବିତଙ୍କର ବାପା ମା' ସାନ ଭଉଣୀ ଅଛନ୍ତି । କାରଣ ସେମାନେ ଆଡ଼ ଆଖିରେ ଦେଖନ୍ତିନି କୁନି ଝିଅଟିକୁ । ଅନେକ ଥର ଶାଶୁଙ୍କର କଟୁ କଥା ଶୁଣିଛି ମୁକ୍ତା । ଏମିତିକି ବାଞ୍ଝ କହିବାକୁ ପଛେଇ ନାହାନ୍ତି ଶାଶୁ । ନିଜ ବାଞ୍ଝତ୍ୱକୁ ଲୁଚେଇବାକୁ ମୁକ୍ତା କୁଆଡ଼େ ଏ ନାଟକ କରିଛି ବୋଲି ତାଙ୍କର ଧାରଣା । ମୁକ୍ତା ସେସବୁ କଥାକୁ ଧ୍ୟାନ ଦିଏନି । ନିଜର ବୋହୂ ହେବାର କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିଛି ।

ଦିନ ପରେ ଦିନ ଗଡ଼ିଲା ସ୍ଥିତି ସ୍କୁଲ୍ ଯିବାକୁ ଲାଗିଲା । ତା ହସ ତା ଖେଳ କିଏ ବି ଦେଖିଲେ ଖୁସି ହୋଇଯିବ । ହେଲେ ପାରିବାରିକ ଅଶାନ୍ତି ଏତେ ଅସହ୍ୟ ହେଲା ମୁକ୍ତା ଓ ସମ୍ବିତ୍ ବାଧ୍ୟ ହୋଇ ଠିକ୍ କଲେ ନିଜର ଜନ୍ମିତ ସନ୍ତାନ ପାଇଁ । କିନ୍ତୁ ମନରେ ଡରଥାଏ କାଳେ ସେମାନେ ନିଜ ପିଲାଟି ପାଇ ସ୍ଥିତିକୁ ହେଳା କରିବେନି ତ..ଏମିତି ଅନେକ ଆଶଙ୍କା । ବର୍ଷେ ପରେ ତାଙ୍କ କୋଳରେ ଜନ୍ମ ନେଲା ଏକ ପୁତ୍ର ସନ୍ତାନ । ଶାଶୁ ଶ୍ୱଶୁର ବହୁତ ଖୁସି ।

ଅଜାଣତରେ ଶାଶୁଙ୍କୁ ଶକ୍ତ ଧକ୍କା ଲାଗିଥିଲା । କାହିଁକି ନା ଦିନେ ବାଞ୍ଝର ଆଖ୍ୟା ଦେଇଥିଲେ ସେ ମୁକ୍ତାକୁ । ପୁଅଟିର ନାଁ ଅମ୍ଳାନ ରଖିଲେ । ନାତିର ପ୍ରେମରେ ଅନ୍ଧ ହୋଇ ତାକୁ ବହୁତ ଗେହ୍ଲା କରୁଥିଲେ ଗୋସେଇଁ ବାପା ମା'। ମୁକ୍ତାଙ୍କୁ ଏସବୁ କଥା ବହୁତ ବାଧୁଥିଲା, ସେ ସେମାନଙ୍କର ଏତେ ପ୍ରେମର ଗୋଟିଏ ବୁନ୍ଦା ସ୍ମିତି ପାଇଁ କେବେ ଦେଖିନଥିଲା । ସ୍ମିତିକୁ ଦେଖାଶୁଣା କରୁଥିବା ସ୍ତ୍ରୀ ଲୋକକୁ ବି ମନା କରିଦେଲେ ଶାଶୁ ଅମ୍ଳାନକୁ ଦେଖିବା ପାଇଁ । ସ୍ମିତି ଯେବେ ଜେଜେ ମା' କହି କୋଳେଇ ନିଏ, ତାକୁ ନାକଟେକି ଠେଲି ଦିଅନ୍ତି ମୁକ୍ତାର ଶାଶୁ । ମୁକ୍ତାର ଶ୍ୱଶୁର ମାର୍କେଟ୍ ଯାଇ ନାତି ପାଇଁ ଖେଳନା ଚକଲେଟ୍ ଏମିତି ଅନେକ କିଛି ଆଣନ୍ତି କିନ୍ତୁ ସ୍ମିତିକୁ କିଛି ଦିଅନ୍ତି ନାହିଁ । ଅମ୍ଳାନ ଧୀରେ ଧୀରେ ବଡ଼ ହେଲା ସେ ବି ସ୍କୁଲ୍ ଗଲା । କିନ୍ତୁ ଜେଜେ ବାପା ମା'ଙ୍କ ପ୍ରେମରେ ପୁରା ବିଗିଡି ଯାଇଥିଲା । ସମ୍ବିତ୍ ଅନେକ ଥର ନିଜ ବାପା ମା'ଙ୍କୁ ବୁଝେଇବାକୁ ଚେଷ୍ଟା କରିଛି ହେଲେ ସେମାନେ ତା କଥାକୁ ବେଖାତିର୍ କରି ଜବାବ ଦେଇ କହିଛନ୍ତି ତୁ ଆମକୁ ଶିଖେଇବୁ ପିଲାଙ୍କୁ ବଡ଼ କେମିତି କରନ୍ତି । ସ୍ମିତି ଆଉ ଅମ୍ଳାନ ଗୋଟିଏ ସ୍କୁଲରେ ପଢ଼ନ୍ତି । ସହରର ସବୁଠାରୁ ବଡ଼ ସ୍କୁଲରେ ଦୁହିଁଙ୍କ ନାମ ଲେଖା ଯାଇଛି । ଏକାଠି ସ୍କୁଲ୍ ଯାଉଛନ୍ତି । ସ୍ମିତିର ଯେତିକି ଭଲପାଇବା ଅମ୍ଳାନ ପ୍ରତି ତା'ଠାରୁ ଯଥେଷ୍ଟ ଅଧିକ ଘୃଣା ଅମ୍ଳାନ ମନରେ ସ୍ମିତି ପାଇଁ । ସ୍ମିତି ଅଷ୍ଟମ ଶ୍ରେଣୀରେ ଆଉ ଅମ୍ଳାନ ପଞ୍ଚମରେ । ସ୍ମିତି ବହୁତ ଭଲ ପଢ଼େ, କିନ୍ତୁ ଅମ୍ଳାନର ପାଠରେ ଜମାରୁ ଧ୍ୟାନ ନଥାଏ ।

ସବୁବେଳେ ବହୁତ ଦୁଷ୍ଟାମି କରେ । ସବୁଦିନ ପ୍ରାୟ ମୁକ୍ତା ଆଉ ସମ୍ବିତ୍ ପୁଅର ଅଭିଯୋଗ ଶୁଣି ଶୁଣି ଅତିଷ୍ଠ ହୋଇଗଲେଣି । କ'ଣ ବା କରିବେ ସେମାନେ ଥୟ କରି ପାରୁନଥିଲେ । ଶେଷରେ ଭାବିନେଲେ ପୁଅକୁ ହଷ୍ଟେଲରେ ଛାଡ଼ିଦେବେ । ଘରେ ରହି ସେ ଦୁଷ୍ଟ ହୋଇ ଯାଉଛି । ସମ୍ବିତର ବାପା ମା' କିନ୍ତୁ ସବୁ ରାଗ ସ୍ମିତିକୁ ଗାଳି ଦେଇ ଶୁଝାଉ ଥାଆନ୍ତି । ସ୍ମିତିର ବି ଇଚ୍ଛା ନାହିଁ ଭାଇକୁ ହଷ୍ଟେଲ୍ ପଠେଇବାକୁ । ଆଉ ଦୁଇ ଦିନ ଗଲେ ଅମ୍ଳାନ ହଷ୍ଟେଲ୍ ଯିବ । ଏମିତି ଭାବୁ ଭାବୁ ଗୋଟେ ଚିତ୍କାର ଶୁଭିଲା । ଧାଇଁ ଯାଇ ଦେଖେ ତ ଜେଜେ ସିଡ଼ି ପାହାଚରୁ ଖସି ତଳେ ପଡ଼ି ପାଟି କରୁଛନ୍ତି । ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଛି ଆଉ ଗୋଡ଼ ମକଚି ହୋଇଯାଇଛି । ଘରେ କେହି ନାହାଁନ୍ତି ମୁକ୍ତା ଅଫିସରେ, ସମ୍ବିତ୍ ହସ୍ପିଟାଲରେ, ଜେଜେ ମା' ବି ମନ୍ଦିର ଯାଇଛନ୍ତି । ସେ ଅମ୍ଳାନକୁ କହିଲା ଆସେ ଦୁହେଁ ମିଶି ଜେଜେଙ୍କୁ ଉଠେଇବା । ହେଲେ ଅମ୍ଳାନ ମୋବାଇଲରେ ବ୍ୟସ୍ତ, ସେ ସିଧା ମନା କରିଦେଲା ଆସି ପାରିବିନି । ସେ ମୁକ୍ତା ଆଉ ସମ୍ବିତଙ୍କୁ ଫୋନ୍ କରି ସବୁ ଜଣେଇଲା । ସେମାନେ ଆସିବା ଭିତରେ ସେ ଜେଜେଙ୍କୁ କହିଲା, ଜେଜେ ବ୍ୟସ୍ତ ହୁଅନି ମୁଁ ତୁମକୁ ଉଠେଇ ରୁମକୁ ନେଉଛି କହି ସ୍ମିତି ବହୁତ କଷ୍ଟରେ ତା' ଜେଜେଙ୍କୁ ଉଠେଇ ଖଟ ଉପରକୁ ନେଲା । ମୁଣ୍ଡରେ ବୋହୁଥିବା ରକ୍ତକୁ ପୋଛି ଅଏଣ୍ଟମେଣ୍ଟ ଲଗେଇ ଦେଲା । ଆଉ ଗୋଡ଼ରେ ଗରମ ପାଣି ସେକ ଦେଲା । ଜେଜେଙ୍କ ଆଖି ଲୁହରେ ଛଳଛଳ ହୋଇ ଯାଉଥିଲା, ଏତିକି ସମୟ ଭିତରେ ମୁକ୍ତା, ସମ୍ବିତ୍

ଆଉ ମୁକ୍ତାର ଶାଶୁ ଆସି ପହଞ୍ଚିଗଲେ । ସ୍ମିତିର ଏମିତି ଆଚାର ବ୍ୟବହାରରେ ତା' ଜେଜେ ମା' ଲାଜରେ ତଳକୁ ମୁହଁ କରି ନିଜ ଲୁହକୁ ନିଜ ପଣତରେ ପୋଛୁଥିଲେ । ମୁକ୍ତା ଆଉ ସମ୍ବିତଙ୍କ ଆଗରେ ନିଜ ଭୁଲ୍ ସ୍ୱୀକାର କରୁଥିଲେ ସମ୍ବିତର ବାପା ମା' ଦୁଇଜଣ । ଯେଉଁ ଝିଅକୁ ଏତେ ଘୃଣା ଚକ୍ଷୁରେ ସେମାନେ ଦେଖୁଥିଲେ ସିଏ ଆଜି ତା' ନିଷ୍ଠା ଆଉ ବ୍ୟବହାରରେ ସେମାନଙ୍କ ମନରେ ଏକ ସ୍ୱତନ୍ତ୍ର ଜାଗା ନେଇଛି । ଖାଲି ରକ୍ତ ସମ୍ପର୍କ ଯେ ଆପଣାର ସେ ଧାରଣା ଭୁଲ୍ । ଯେଉଁଠି ଅମ୍ଲାନ ନିଜର ହୋଇବି ଟିକେ ସ୍ମିତିକୁ ସହଯୋଗର ହାତ ବଢ଼ାଇଲାନି, ସେଇଠି ସ୍ମିତି ଏକଲା ନିଜର ମନୋବଳକୁ ଦୃଢ଼ କରି ଆଜି ଏତେ ବଡ଼ କାମ କଲା । ଦୀର୍ଘ ଦଶ ବର୍ଷ କାଳ ଯେଉଁ ସମ୍ପର୍କକୁ ନିଜର କରି ହେଉନଥିଲା ଆଜି ଦଶ ମିନିଟରେ ଏକ ସ୍ନେହର ବନ୍ଧନର ନାମରେ ନାମକରଣ ହୋଇ ପାରିଲା । ମୁକ୍ତାର ଏତେ ବର୍ଷର ପ୍ରଚେଷ୍ଟା ନିଜ ଶାଶୁ ଶ୍ୱଶୁରଙ୍କୁ ମନେଇବା ପାଇଁ ଆଜି ସ୍ମିତି ନିଜେ କରି ଦେଖେଇଲା । ଆଉ ମୁକ୍ତା ହସି ହସି ସମ୍ବିତଙ୍କୁ ଚାହିଁ ଚୁପି ଚୁପି କହିଲା ବୁଝିଲ ଡାକ୍ତର ବାବୁ ତୁମେ ଡାକ୍ତର ବୋଲି ଜାଣିଥିଲି ହେଲେ ଭବିଷ୍ୟତ ଦ୍ରଷ୍ଟା ବୋଲି ଆଜି ଜାଣିଲି । ତୁମେ ମୋତେ ଭବିଷ୍ୟତକୁ ଅପେକ୍ଷା କର ବୋଲି ସବୁଦିନ ବୁଝାଉଥିଲ । ସମ୍ବିତ୍ ସ୍ମିତହାସ୍ୟ ଦେଇ କହି ଉଠିଲେ, ଧନ୍ୟ ତୁମେ ଧନ୍ୟ ତୁମ ମମତା, ଧନ୍ୟ ତୁମ ଚିନ୍ତାଧାରା ଆଉ ଧନ୍ୟ ତୁମର ସେ ସ୍ନେହର ପଣତ ଯେଉଁ ପଣତ ତଳେ ଏକ ଅଲୋଡ଼ା ଜୀବନଟେ ସାହାରା ନେଇ

ତୁମକୁ ପ୍ରଥମ ମାତୃତ୍ୱର ସ୍ୱାଦ ଚଖେଇଥିଲା । ତୁମ ପରି ଏ ମହାନ ଚିନ୍ତାଧାରା ଯଦି ଏ ଦୁନିଆଁରେ ପ୍ରତ୍ୟେକଟି ମଣିଷ ଯଦି ଭାବନ୍ତେ ହୁଏତ ଏ ଅନାଥାଶ୍ରମର ସଂଖ୍ୟା କିଛି ମାତ୍ରାରେ କମି ଯାଆନ୍ତା । ସମସ୍ତେ ଭଲ ମୁଡରେ ଥିବା ଦେଖି ସ୍ଥିତି ମୁକ୍ତା ଓ ସମ୍ବିତଙ୍କୁ ଅନୁରୋଧ କଲା ଅମ୍ଳାନକୁ ଆଉ ଗୋଟେ ସୁଯୋଗ ଦେବା ପାଇଁ । ସମ୍ବିତ୍ ସ୍ଥିତିର କଥା ଶୁଣି ତା' କଥାରେ ରାଜି ହୋଇଗଲେ ।

*****

**ବେଙ୍ଗାଲୁରୁ**



# ନାଲି ଶଙ୍ଖା

ରୋଜା ପଣ୍ଡା

**ପା**ଞ୍ଚ ବର୍ଷର ଛୋଟ ଝିଅଟିଏ ତାରିଣୀ । ତା ମାଆର କାନ୍ଦ ଶୁଣି ଦୌଡି ଗଲା ବାଡିପଟକୁ । ଦେଖିଲା ପାଞ୍ଚ କି ଛଅ ଜଣ ଧଳା ଶାଢ଼ୀ ପିନ୍ଧିଥିବା ସ୍ତ୍ରୀ ଲୋକ ତା ମାଆ ହାତରୁ ନାଲିଶଙ୍ଖା ସବୁ ଭାଙ୍ଗି ଦେଉଛନ୍ତି । ତା ମାଆ ଖୁବ୍ ଜୋରରେ ଚିତ୍କାର କରି କାନ୍ଦୁଛି । ପାଖରେ ଧଳା ଚାଦର ଘୋଡେଇ ହେଇ କେହି ଜଣେ ଶୋଇଛନ୍ତି । ନିରୀହ ତାରିଣୀ ଏସବୁ ଦେଖି ତା ମାଆ ପାଖକୁ ଯାଇ ସେଇ ଧଳା ଶାଢ଼ୀ ପିନ୍ଧିଥିବା ସ୍ତ୍ରୀଲୋକ ମାନଙ୍କୁ କହିଲା, ତୁମେମାନେ ମୋ ମାଆର ନାଲି ଚୁଡ଼ି କାହିଁକି ଭାଙ୍ଗୁଛ ? ଓଃ ହୋ ତୁମର ନାଲି ଚୁଡ଼ି ନାହିଁ ବୋଲି ମୋ ମାଆ ଠାରୁ ନେଇଯାଉଛ । ଛାଡ ମୋ ମାଆକୁ ଛାଡ଼ । ଏମିତି କହି ସେ ନିଜ ମାଆର ହାତକୁ ଟାଣିଆଣି ନିଜ ଛାତିରେ ଚାପି ଧରିଲା । ଠିକ୍ ସେତିକିବେଳେ ଦଲକାଏ ପବନ ଆସି ସେଠି ଶୋଇ ରହିଥିବା ଲୋକର ମୁହଁରୁ ଧଳା ଚାଦରଟା ଉଡେଇନେଲା । ଓଃ କି ଭୟଙ୍କର ଦୃଶ୍ୟ ! ସତେ ଯେମିତି ହଜାର ହଜାର ବନ୍ଧୁକର ଗୁଳି ଏଇ ବୀର ଯବାନ ତା

ଛାତିରେ ତୋଳି ଧରିଛି । କୁନିଝିଅ ତାରିଣୀ ତା ବାପାଙ୍କୁ ଦେଖି ଦୌଡିଯାଇ କହିଲା, ବାପା ତମେ ଏଇଠି ଶୋଇଛ ଆଉ ଏମାନେ ମୋ ମାଆକୁ ହଇରାଣ କରୁଛନ୍ତି ତମେ କିଛି କହୁନା । ଦେଖ ବାପା ଏମାନେ କେମିତି ତମେ ଦେଇଥିବା ନାଲି ଚୁଡ଼ି ମାଆ ଠାରୁ ଛଡେଇ ନେଉଛନ୍ତି । ତମେ ଉଠନା ବାପା । ବାପା ଉଠ । ଉଠ ବାପା । ଓଃ ହୋ ମାଆ ଦେଖିଲୁ ବାପା କେମିତି ଉଠୁନାହାନ୍ତି । ନିରୀହ ଝିଅର ଏପରି ବ୍ୟବହାର ଦେଖି ମାଆ ଆହୁରି ଖୁବ୍ ଜୋରରେ କାନ୍ଦି ଉଠିଲେ । ମାଆ ଠିକ୍ ଜାଣିଥିଲେ ଯେ ବାପା ଆଉ ଉଠିବେନି ହେଲେ ଏଇ ନିଷ୍ଠୁର ସତ୍ୟ ଝିଅକୁ ବୁଝେଇ ପାରୁନଥିଲେ । ତାରିଣୀର ବାପା ଆଜି ଦେଶ ପାଇଁ ଶହୀଦ୍ । ତାରିଣୀ ପଚାରିଲା, ମାଆ ବାପା କାହିଁକି ଉଠୁନାହାନ୍ତି ? ମାଆ ନିଜ ଛାତି ତଳର ଦୁଃଖକୁ ଚାପି କହିଲେ, ଧନରେ ତୋ ବାପା ପରା ଆମ ଦେଶ ପାଇଁ ପ୍ରାଣତ୍ୟାଗ କରିଛନ୍ତି । ଶତ୍ରୁର ଗୁଳିକୁ ଛାତି ଦେଖେଇ ରକ୍ତର ରଙ୍ଗରେ ନିଜକୁ ରଙ୍ଗେଇ ଅମର ହେଇଯାଇଛନ୍ତି । ସେ କ'ଣ ଆଉ ଉଠିବେ ? ତାରିଣୀ ଏସବୁ ଶୁଣି କହିଲା, ବାପା କ'ଣ ଆଉ କେବେବି ଉଠିବେ ନାହିଁ । ତାହାଲେ ତୋ ନାଲି ଚୁଡ଼ି ତ ଏମାନେ ଭାଙ୍ଗିଦେଲେ । ତୋ ପାଇଁ ନାଲି ଚୁଡ଼ି କିଏ ଆଣିବେ ମାଆ ? ଝିଅ ପାଟିରୁ ଏମିତି କଥା ଶୁଣି ମାଆ କଇଁକଇଁ ହେଇ କାନ୍ଦିପକାଇଲେ ।

ଶେଷରେ ଶହୀଦ୍ ଜବାନଙ୍କର ଶେଷକୃତ୍ୟ ସମାପ୍ତ ହେଲା । ସମସ୍ତେ ବିଶ୍ରାମ ନେବାକୁ ଗଲେ । ତାରିଣୀ ମନରେ କିନ୍ତୁ ଗୋଟିଏ ଚିନ୍ତା ।

ତା ମାଆର ନାଲି ଚୁଡ଼ି । ନିରୀହ ଝିଅଟାକୁ ଲାଗୁଥିଲା ଯେ ତା ମାଆ ନାଲି ଚୁଡ଼ି ଭାଙ୍ଗିବା କାରଣରୁ ଏମିତି କାନ୍ଦୁଥିଲା । ସେଥିପାଇଁ ସେ ଘରସାରା ବୁଲି ବୁଲି ନାଲି ଚୁଡ଼ି ଖୋଜିବାରେ ଲାଗିଥିଲା । ଶେଷରେ ତା ମାଆର କିଛିଟା ପୁରୁଣା ନାଲି ଶଙ୍ଖା ଗୋଟେ ପୁଡିଆରେ ବନ୍ଧା ହେଇଥିବାର ଦେଖିଲା । ସଙ୍ଗେ ସଙ୍ଗେ ଦୌଡି ଯାଇ ସେଇ ପୁଡିଆଟିକୁ ଖୋଲି ଦୁଇ ଚାରିପଟ ନାଲି ଶଙ୍ଖା ନେଇ ତା ମା' ଶୋଇଥିବା ଅବସ୍ଥାରେ ତା ହାତରେ ପିନ୍ଧେଇ ଦେଲା । ରାତି ପାହି ସକାଳ ହେଲା । କିଛି ସମୟ ମଧ୍ୟରେ ଗାଁର କିଛି ସ୍ତ୍ରୀଲୋକ ଆସି ତାରିଣୀର ମାଆ ପାଖରେ ରୁଣ୍ଡ ହେଇଗଲେ । ତାରିଣୀର ମାଆ ହାତରେ ନାଲିଶଙ୍ଖା ଦେଖି ତାକୁ ବୋହୁତ ଗାଳି କଲେ । ବିଧବା ହେଇ ନାଲିଶଙ୍ଖା ପିନ୍ଧିଛୁ କହି ବହୁତ ତାସ୍ଛଲ୍ୟ କଲେ । ଏସବୁ ଶୁଣି ତାରିଣୀ ପଚାରିଲା ବିଧବା ମାନେ କ'ଣ ? ସ୍ତ୍ରୀଲୋକ ମାନେ ଉତ୍ତର ଦେଲେ, ଯାହାର ବାପା ମରିଯାଇଥାଏ ତା ମାଆକୁ ବିଧବା କୁହାଯାଏ । ସେଇ ଛୋଟ ତାରିଣୀ ଏସବୁ ଶୁଣି କହିଲା, ବିଧବାମାନେ କ'ଣ ଶାନ୍ତିରେ ଶୋଇ ପାରିବେନାହିଁ । ତମେମାନେ କାହିଁକି ମୋ ମାଆକୁ ନିଦରୁ ଉଠାଇ ଗାଳି କରୁଛ ? ମୋ ବାପା ମରିନାହାନ୍ତି । ସେ ପରା ଦେଶ ପାଇଁ ଜୀବନ ଦେଇଛନ୍ତି । ସେଥିପାଇଁ ସେ ଅମର । ମୋ ବାପା ବୀର ଯବାନ ଥିଲେ । ଆଉ ସେଇଥିପାଇଁ ମୋ ମାଆ ବିଧବା ନୁହେଁ ସେ ହେଉଛି ବିରପତ୍ନୀ । ଏତିକି ଟିକିଏ ଝିଆ ମୁହଁରୁ ଏମିତି ଉକ୍ତି ଶୁଣି ସମସ୍ତଙ୍କ ମୁହଁ ଲାଜରେ ଝାଉଁଳି ଗଲା । ପ୍ରକୃତରେ ଜଣେ ବୀର

ଜବାନର ସ୍ତ୍ରୀ କେବେ ବିଧବା ହେଇପାରେନା କାରଣ ସେ ବିରପତ୍ନୀ । ସେଇ ତେଜିୟାନ ମହାବୀର ଯବାନର ପତ୍ନୀ । ସେ ସଦା ନମସ୍ୟ । ସଦା ପୂଜିତ ।

*****

**ପୂର୍ଣ୍ଣାନନ୍ଦ ଭବନ**

**ନେତାଜୀ ନଗର,**

**ମଧୁପାଟଣା, କଟକ**

# "ଭିକାରୀ ବଳ"- ଏକ ପ୍ରବାଦୀୟ କିମ୍ବଦନ୍ତୀ



ସୌଭାଗ୍ୟ ରଞ୍ଜନ ମହାପାତ୍ର

ଓଡ଼ିଆ ଭଜନ ସାହିତ୍ୟ ଜଗତର ସେ ଏକ ଅବିସ୍ମରଣୀୟ ପ୍ରତିଭା । ସଂଗୀତ ଜଗତରେ ସେ ଥିଲେ ଧୂମକେତୁ ସଦୃଶ । ଶ୍ରୀ ଜଗନ୍ନାଥଙ୍କ ଅନେକ ଭଜନ ଗାଇ ସେ ପୁରପଲ୍ଲୀର ସମସ୍ତ ଶ୍ରୋତାଙ୍କ ହୃଦୟକନ୍ଦରରେ ଏକ ମୁକୁଟ ବିହୀନ ସମ୍ରାଟ ଭାବେ ଏକ ସ୍ୱତନ୍ତ୍ର ସିଂହାସନର ଅଧିକାରୀ ହୋଇପାରିଛନ୍ତି । ଓଡ଼ିଶାର କଳା ସଂସ୍କୃତିକୁ ପ୍ରଚାର ପ୍ରସାର କରାଇବାରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଭୂମିକା ଅତୁଳନୀୟ । ଭିକାରୀ ବଳ ଯେମିତି ସରଳ ଥିଲେ, ସେମିତି ସୁନ୍ଦର ଓ ଶ୍ରୁତିମଧୁର ଥିଲା ତାଙ୍କ ସଙ୍ଗୀତର ପାବନ ମୂର୍ଚ୍ଛନା । ଓଡିଆ ସଂଗୀତ ଜଗତରେ ଭିକାରୀ ବଳ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଭକ୍ତିଭରା ଶବ୍ଦଗୁଡ଼ିକ ତାଙ୍କ କଣ୍ଠ ସ୍ୱରରେ ଜୀବନ୍ତ ହୋଇଉଠିଥିଲା । ନିଷ୍ଠୁର ପ୍ରାୟ ହୃଦୟକୁ ବି ଭକ୍ତି ରସରେ ଭିଜାଇ ଦେବାକୁ ଯଥେଷ୍ଟ ଥିଲା ତାଙ୍କ କଣ୍ଠସ୍ୱର । ଚିର ସବୁଜ ଭକ୍ତି ରସାତ୍ମକ ସଂଗୀତର ଅଦ୍ୱିତୀୟ ପ୍ରତିଭା ଥିଲେ ସେ ।

ନାଁ ଥିଲା ଭିକାରୀ ବଳ । ସଙ୍ଗୀତ ଜଗତର ଏହି ଅନନ୍ୟ ପ୍ରତିଭାଙ୍କର ଓଡ଼ିଆ ଭାଷା, ଜାତି, ପରମ୍ପରା ତଥା ଭକ୍ତି ସଙ୍ଗୀତର ପ୍ରତି ଅତୁଳନୀୟ ଅବଦାନ ରହିଛି ।

ସୁଠାମ ମୁଖରେ ସୁନିର୍ମଳ ଭାବ ଉତପ୍ଲୁତ ହେଇ ଭଜନରେ ଜନମାନସରେ, ଜନସମୁଦ୍ରରେ ଭାସମାନ ହେଇ ଯେତେବେଳେ ଉଠେ, ଭସାଇ ନିଏ ମନର ନିକୃଷ୍ଟ ଗ୍ଲାନିଚୟ ଓ ଯାବତୀୟ ସଂସାରର କଳୁଷ ମଳିନ । କୋଟି ଓଡ଼ିଆମାନଙ୍କର ହୃଦୟତନ୍ତ୍ରକୁ ଝଙ୍କାରିତ କରିପାରି ଆଧୁନିକ ମାୟା -ମମତାରେ ଭକ୍ତିର ଚରମ ଉତ୍କର୍ଷ ଏ ଓଡ଼ିଶା ମାଟିରେ ଦେଖେଇଥିଲେ ଭଜନ ସମ୍ରାଟ୍ ଭିକାରୀ ଚରଣ ବଳ । ଅନତିକ୍ରମ୍ୟ ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ଭଜନ ଓ ଚଳଚ୍ଚିତ୍ର ଭଳି ଅନେକ ସ୍ଥଳରେ ନିଜର ଅଭୂତପୂର୍ବ କଣ୍ଠଦାନ କରିଥିବା ଏହି ମହାମହିମ ସଂଗୀତ ପ୍ରବର ସାଧକଙ୍କ ଜନ୍ମ ୧୯୨୯ ମସିହାରେ ମଇ ମାସ ୨୫ ତାରିଖ ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥି, ଯାହାକି ଶନିବାର ଦିନ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସୋବଳା ଗ୍ରାମରେ ଭୂମିଷ୍ଠ ହୋଇଥିଲା । ପିତା ଥିଲେ ରାମଚନ୍ଦ୍ର ବଳ ଓ ଦ୍ୱିତୀୟ ମାତା ଗେହ୍ଲାରାଣୀଙ୍କ ସୁପୁତ୍ର ଥିଲେ ଭିକାରୀ ବଳ । ଗେହ୍ଲାରାଣୀଙ୍କ ସମସ୍ତ ସନ୍ତାନଙ୍କ ଜନ୍ମ ପରେ ମୃତ୍ୟୁ ହୋଇଯାଉଥିଲା । କେବଳ ଭିକାରୀ ହିଁ ବଞ୍ଚିରହିଥିଲେ । ଏଣୁ ତାଙ୍କୁ ଭଗବାନଙ୍କ ଆଶିର୍ବାଦ ଭାବି ତାଙ୍କ ନାମ ଭିକାରୀ ରଖାଗଲା । ସେ ଖୁବ ଛୋଟ ଥିଲା ବେଳେ ତାଙ୍କ ବାପା ମାଆ ମୃତ୍ୟୁ ବରଣ

କରିଥିଲେ । ତାଙ୍କ ବାପାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ଧନେଶ୍ୱର ଓ ତାଙ୍କ ପତ୍ନୀଙ୍କ ଦେଇ ଶିଶୁ ଭିକାରୀଙ୍କ ଲାଳନପାଳନ ହୋଇଥିଲା । ପିଲାଦିନେ ନିଜ ଜମିରେ ହଳ କରିବା, ବିଲ ବାଛିବାଠାରୁ ଆରମ୍ଭ କରି ବିଭିନ୍ନ କୃଷିକର୍ମରେ ବ୍ୟସ୍ତ ରହିଥିଲେ ବି ତାହାରି ଭିତରେ ସେ ସଂଗୀତକୁ ଭୁଲିପାରି ନ ଥିଲେ ।

ପ୍ରାଥମିକ ଶିକ୍ଷା ପରେ ଭିକାରୀ କେନ୍ଦ୍ରାପଡ଼ା ଜିଲ୍ଲା କଦଳୀବଣ ହାଇସ୍କୁଲରେ ନାମ ଲେଖାଇଥିଲେ ଓ ସେଠାରେ ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ଏହା ପରେ ନିଜ ଗାଁ ସୋବଳାରେ ସେ ଯାତ୍ରା ଦଳରେ ଯୋଗ ଦେଇଥିଲେ । ସେଠାରେ ସେ ଗୀତ ଗାନ, ହାରମୋନିଅମ ବଜାଇବା, ଅଭିନୟ ଆଦି ଶିଖିଥିଲେ । ୧୯୫୧ ମସିହାରେ ଯୁବକ ଅବସ୍ଥାରେ ସେ ଏକ ପାଖ ସ୍କୁଲ, ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନରେ ସଙ୍ଗୀତ ଶିକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ "ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନରେ" ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟରତ ହେଲେ । କିନ୍ତୁ ଓଡ଼ିଶାର ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ଭକ୍ତିରସରେ ରସାଇବା ପାଇଁ ଯାହାର ଜନ୍ମ ସେ କି ବାନ୍ଧି ହୋଇ ରହିପାରିଥା'ନ୍ତା ପରିଧି ଭିତରେ ? ଖୁବ୍ ବନ୍ଧୁବତ୍ସଳ, ସ୍ନେହୀ, ସ୍ୱାଭିମାନୀ ଓ ନିରାଡ଼ମ୍ବରର ମଣିଷଟିଏ ସେ । ସେ ୨୦ ବର୍ଷ ବୟସରେ ଉଷାରାଣୀ ଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ୨ଗୋଟି ପୁଅ ଓ ଜଣେ ଝିଅ ଅଛନ୍ତି । ବିବାହ ପରେ ସେ ଜୀବିକା ପାଇଁ କଟକ ଆସି ସେ ସମୟର ଗୁରୁ "କ୍ଷିତିକ ମିତ୍ର"ଙ୍କ ଠାରୁ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତ ତାଲିମ ନେଇ

୧୯୬୬ ମସିହାରେ ବନ୍ଧୁ ସୁନାକର ସାହୁଙ୍କ ପ୍ରେରଣାରେ ସେ କଟକ କଳାବିକାଶ କେନ୍ଦ୍ର ଠାରେ ସଙ୍ଗୀତ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । ୧୯୬୩ ମସିହା ବେଳକୁ ଆକାଶବାଣୀରେ ସେ ଜଣେ ଏ-ଗ୍ରେଡ଼ର ଗାୟକ ଭାବରେ ପ୍ରତିଷ୍ଠିତ ହେଲେ । କଳା ବିକାଶ କେନ୍ଦ୍ରରେ "ପ୍ରାଣ ମିତଣିବାରେ ଚାହାଁରେ" ଗୀତ ଗାଇ ସାଉଁଟି ଥିଲେ ପ୍ରଚୁର ଲୋକପ୍ରିୟତା । ହେଲେ ତାହାଙ୍କ ଜନପ୍ରିୟତା "ଷାଠିଏ ପଉଟି ଭୋଗରୁ ତୁମର", "ମୁଁ ତ ବଡ଼ ଦେଉଳର ପାରାରେ", "ଜଗନ୍ନାଥ କଲେ ଯା"..,"କୋଠ ଭୋଗଖିଆ", "ଜଗନ୍ନାଥ ହେ, କିଛି ମାଗୁନାହିଁ ତୋତେ", "ଭଜୁ କି ନା ରାମ ନାମ", "ଭକତ ବିଦୁର ଶାଗ ଭଜା ଦେଇ", "ହାତରେ ମୋ ମୁଠା ମୁଠା ଶରଧା ବାଲି", "ତୋର ସାଆନ୍ତପଣକୁ କିଏ ସରିକି", "ଶ୍ରୀକ୍ଷେତ୍ରେ କରିଛି ଘର କାଳିଆ ମୋ ବନ୍ଧୁ", "ଅଜା ଥାଉ ଥାଉ ନାତି ଯାଏ ଚାଲି", "ତୋତେ ବାହୁଡ଼େଇ ନେବି ଆସିଛି", "ତୋ ଦାଣ୍ଡଧୁଳି ମୁଁ ନହେଲେ ନାହିଁ" ପରି ଅଜସ୍ର ଭକ୍ତିସ୍ରାବୀ ସଂଗୀତ ଘରେ ଘରେ ତାଙ୍କୁ ବେତାରଠୁ ନେଇ ରେଡିଓ, ଟେଲିଭିଜନ ମାଧ୍ୟମରେ ତାଙ୍କ କଣ୍ଠ ନିଃସୃତ ଧ୍ୱନିତ ଭକ୍ତି ରସାର୍ଣ୍ଣବ, ତାଙ୍କୁ କରିଥିଲା ଭଜନ ସମ୍ରାଟ । ତାଙ୍କରି କଣ୍ଠରେ ଟୀକା ଗୋବିନ୍ଦ ଚନ୍ଦ୍ର ପୁଣିଥରେ ଓଡ଼ିଶାର ପୁରପଲ୍ଲୀରେ ଶୁଭିବା ଆରମ୍ଭ ହୋଇଥିଲା ।

ଭିକାରୀ ବଳଙ୍କ କଣ୍ଠରେ ଗୋଟେ ବଡ଼ ଲକ୍ଷଣ ହେଉଛି, ସେଠି ହୃଦୟର ସ୍ପନ୍ଦନ ବାରି ହୋଇ ପଡେ । ଲାଗେ ଗାୟକ ସେଠି ଗୀତଟି କଣ୍ଠରୁ

ଗାଉନାହିଁ, ତାହା ଆସୁଛି ଆତ୍ମାର କେଉଁ ଏକ ନିବିଡ଼ ଅନ୍ଧାରରୁ । ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା । ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଯଥା ଚଉପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ଇତ୍ୟାଦି ସଙ୍ଗେ ସଙ୍ଗେ ପଲ୍ଲୀଗୀତ, ଲୋକଗୀତ, ଆଧୁନିକ ଗୀତ ମଧ୍ୟ ସେ ଗାଇଥିଲେ । ତାଙ୍କର କିଛି ପଲ୍ଲୀ ଓ ଆଧୁନିକ ଗୀତ ହେଉଛି 'ବସନ୍ତ ଲେଖିଛି ଚିଠି ଗୋଲାପି ଗୋଲାପି', 'ଗୋଟିଏ ଫଗୁଣେ ହସିଥିଲି ବୋଲି କୋଟିଏ ଶ୍ରାବଣେ କାନ୍ଦୁଛି', 'ପଚାରିଲେ ରାଧିକାକୁ ଦିନେ ନନ୍ଦବଳା', 'କଳସ ଉପରେ ଆମ୍ବ ଡାଳିଆ', 'ଶିରୀ ଶିରୀ ଗଙ୍ଗା କାଳୀ ଚରଣେ ଶରଣ' ଇତ୍ୟାଦି । ଜୀବନରେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି ସେ, ଗୋଟିଏ ପରେ ଗୋଟିଏ ଅସଂଖ୍ୟ ଲୋକପ୍ରିୟ ଭକ୍ତି ସଙ୍ଗୀତ ଗାନ କରି ସେ ଓଡ଼ିଶା ବାସୀଙ୍କୁ କରିଥିଲେ ଗୌରବାନ୍ୱିତ । ବ୍ୟାପ୍ତ ଶ୍ରୀଜଗନ୍ନାଥ ସଂସ୍କୃତି ପରି ବ୍ୟାପ୍ତ ଓ ଖ୍ୟାତ ହୋଇଥିଲା ତାଙ୍କ ଗୀତ । ଅତୁଲ୍ୟ ଭଜନରେ ଓଡ଼ିଆଙ୍କୁ ଭାବାପ୍ଲୁତ କରୁ କରୁ ସେ ହୋଇ ଯାଇଥିଲେ ଭଜନର ସମ୍ରାଟ । ସେ ଭଜନ ସମ୍ରାଟ ଭିକାରୀ ବଳ । ୧୯୭୬ ମସିହାରେ ସେ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଓଡ଼ିଶୀ ସଙ୍ଗୀତର ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ଅସୁମାରୀ ଚମ୍ପୁ, ଛାନ୍ଦ ଓ ଲୋକଗୀତ ସହିତ ପୁରାତନ ରଚନାରୁ ବହୁ ସଙ୍ଗୀତ ଗାନ ସହିତ ଗୋପାଳକୃଷ୍ଣ, ଦୀନକୃଷ୍ଣ, ବଳଦେବ, ବନମାଳି ଓ ସାଲବେଗ ଆଦି ପୁରାତନ କବିଙ୍କ ବହୁ ଭଜନ ଏବଂ ଆଧୁନିକ

ସମୟରେ ଡ. ପ୍ରସନ୍ନ ସାମଲ, କ୍ଷିରୋଦ ଚନ୍ଦ୍ର ପୋଥାଳ, ଅରବିନ୍ଦ ମୁଦୁଲି, ଶୀର୍ଷାନନ୍ଦ ଦାସ କାନୁନଗୋ, ଅଲେଖ ବିଶ୍ୱାଳ, ଗୌରହରି ଦଳାଇଓ ଶ୍ରୀକାନ୍ତ ଗୌତମଙ୍କ ଅନେକ ଗୀତରେ କଣ୍ଠଦାନ କରିଛନ୍ତି ଭଜନ ସମ୍ରାଟ । ନିମାଇଁ ହରିଚନ୍ଦନଙ୍କ ପରେ ଭିକାରୀ ବଳ ଭଜନ ସାହିତ୍ୟକୁ ଓଡ଼ିଶାରେ ଲୋକପ୍ରିୟ କରାଇପାରିଥିଲେ । ଆକାଶବାଣୀରେ ସେ ଜଣେ ଏ କ୍ଲାସ ଗାୟକ ଭାବରେ ଗୀତ ଗାଉଥିଲେ । ଗୋପାଳକୃଷ୍ଣ, ଦୀନକୃଷ୍ଣ, ବଳଦେବ, ବନମାଳି ଓ ସାଲବେଗ ଆଦି ପୁରାତନ କବିଙ୍କ ବହୁ ଭଜନରେ ସେ କଣ୍ଠଦାନ କରିଛନ୍ତି । ଦୀର୍ଘ ଚାରି ଦଶନ୍ଧି ଧରି ୨୦,୦୦୦ରୁ ଅଧିକ ଭଜନରେ କଣ୍ଠଦାନ କରିଛନ୍ତି ସେ । ଏତଦବ୍ୟତୀତ ୧୯୬୮ ରୁ ୧୯୯୩ ମସିହା ପର୍ଯ୍ୟନ୍ତ "ଅଭିଳାଷ", "ଭକ୍ତ ସାଲବେଗ", "ଅଗ୍ନିପରୀକ୍ଷା", "ଅପରିଚିତା", "ମଥୁରା ବିଜୟ", "ଶ୍ରୀକୃଷ୍ଣ ରାସଲୀଳା", "ଅନୁତାପ","ଅମରପ୍ରେମ", "କନକଲତା", "କିଏ କାହାର", ଅକ୍ଷୟ ତୃତୀୟା', 'ରାମାୟଣ', 'ମନ ଆକାଶ', ବସୁଧା' ଭଳି ୨୮ଟି ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିଥିଲେ ଏବଂ "କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ" କଥାଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଓଡ଼ିଆଙ୍କ ଜନମାନସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । 'ମଥୁରା ବିଜୟ' ଓ 'ଟିକେ ହସ ଟିକେ ଲୁହ' ଚଳଚ୍ଚିତ୍ରର ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ରୂପେ ସେ ରାଜ୍ୟ ସରକାରଙ୍କ ତରଫରୁ ସନନ୍ଦ ପ୍ରଦତ୍ତ ହୋଇଥିଲେ ।

ଭକ୍ତି ସଙ୍ଗୀତର ଅପୂର୍ବ ବିନ୍ଧାଣୀ ଭିକାରୀ ୧୯୮୩ ମସିହାରେ

ରାଉରକେଲାର କେନ୍ଦ୍ରୀୟ ପୂଜା କମିଟିର ବିଶାଳ ଏକ ବର୍ଣ୍ଣାଢ଼୍ୟ ଜନସମାବେଶରେ ମହାରାଜା ଗଜପତି ଦିବ୍ୟସିଂହ ଦେବଙ୍କ ଦ୍ୱାରା 'ଭଜନ ସମ୍ରାଟ୍' ଉପାଧିରେ ଭୂଷିତ ହୋଇଥିଲେ ଓ ଶ୍ରୀ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ୍ୟ ସେ ସୁଯୋଗ ପାଇଥିଲେ । ୧୯୮୨ ମସିହାରେ କେନ୍ଦ୍ର ସରକାରଙ୍କ ଅନୁରୋଧ କ୍ରମେ ସେ ଇଂଲଣ୍ଡ, ହଲାଣ୍ଡ, ଇଟାଲି, ରୋମ୍, ପର୍ତ୍ତୁଗାଲ୍, ସ୍ପେନ୍, ମିଲାନେ, ଆମେରିକା ପ୍ରଭୃତି ଅନେକ ରାଷ୍ଟ୍ର ଗସ୍ତ କରି ସେଠାରେ ଭକ୍ତି ସଂଗୀତ ପରିବେଷଣ କରି ସେଠାରେ ମଧ୍ୟ ନିଜ ପ୍ରତିଭାର ପରିଚିତି ଦେଇଥିଲେ । ୧୯୮୮ ମସିହାରେ କଟକ ଆକାଶବାଣୀର ସହଯୋଗ କ୍ରମେ ସେ ସିଲଚର ଓ ଗୌହାଟୀ ଆକାଶବାଣୀରେ ମଧ୍ୟ ଓଡିଶୀ ସଂଗୀତ ଗାନ କରିଥିଲେ । ଭୁବନେଶ୍ୱର ସ୍ଥିତ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଓଡିଶୀ ସଂଗୀତ ବିଭାଗର ବରିଷ୍ଠ ଅଧ୍ୟାପକ ପଦରୁ ୧୯୯୭ ମସିହାରେ ଅବସର ଗ୍ରହଣ କରିଥିଲେ । ପୁନର୍ବାର ସେ ଆମେରିକା ୨୦୦୩ ମସିହାରେ ଗସ୍ତ କରି ଦୁଇ ମାସ କାଳ ୱାଶିଂଟନ୍, ନିଉ ଜର୍ସୀ, ଚିକାଗୋ, କାଲିଫର୍ଣ୍ଣିଆ, ହସବି, ନାସବିଲ୍ ଭଳି ସ୍ଥାନରେ କୋଡିଏରୁ ଅଧିକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଓଡିଶୀ, ଛାନ୍ଦ, ଚମ୍ପୂ, ଭଜନ ଓ ଗୀତଗୋବିନ୍ଦର ଗାନ କରିଥିଲେ। ତାଙ୍କରି ନାଁରେ ଏକ ସୁନ୍ଦର ଗୀତ "ମୁହିଁ ଦୀନ ଭିକାରୀ, ତୋର କୋରକ କରି, କମଳା ରମଣ ପାଶେ କରେ ଗୁହାରି..." ଆଜି ବି ସଂଗୀତ ଜଗତରେ ଗାନ କରାଯାଉଛି । ଓଡିଶା

ସରକାରଙ୍କ ତରଫରୁ ତାଙ୍କୁ ସର୍ବଶ୍ରେଷ୍ଠ କଣ୍ଠଶିଳ୍ପୀ ପୁରସ୍କାର, ଲଳିତ ସ୍ୱର ସାଧକ, ଶ୍ରୀଛାମୁ ସ୍ୱର ସେବକ, ଭକ୍ତିକଣ୍ଠ, ଭକ୍ତି ସମ୍ରାଟ୍, ସଂଗୀତ ରତ୍ନାକର, ଇନ୍ଦ୍ରଦ୍ୟୁମ୍ନ ସମ୍ମାନ, ଭଜନ ଭାବସାଗର,ଭଜନ ମଉଡ଼ମଣି, ଭକ୍ତକଣ୍ଠ, ଗାୟକ ଶିରୋମଣି ସଂଗୀତ ବାରିଧି, ଇନ୍ଦୋରର ବଳ ମହାରାଜ, ଜାତି ଗୌରବ ସମ୍ମାନ ତାଙ୍କୁ ମିଳିସାରିଛି । ଓଡିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଗଣକବି ପୁରସ୍କାର, କବିଚନ୍ଦ୍ର ପୁରସ୍କାର, ଶାରଳା ସମ୍ମାନ ପୁରସ୍କାର ଆଦି ପ୍ରାପ୍ତ କରିଛନ୍ତି । ତାଙ୍କ ଦେଇ ବୋଲାଯାଇଥିବା ଶେଷ ଆଲବମ ଭଜନ ଥିଲା ୨୦୦୫ର "ଚଗଲା ମନ" । ଏହା ପରେ ୨୦୦୬ରେ ସେ ରୋଗ ବ୍ୟାଧିରେ ଶଯ୍ୟାଶାୟୀ ହୋଇପଡିଲେ । ଭଜନ ଥିଲା ଜୀବନ ପାଉଣା ଥିଲା ପଛରେ । ତେଣୁ ଶେଷ ସମୟରେ ଆର୍ଥିକ ସ୍ଥିତି ଅସଜଡ଼ା ହୋଇଯାଇଥିଲା । ତଥାପି ନିଘା ନ ଥିଲା ଅଭାବ ଅସୁବିଧାକୁ । ଜଗନ୍ନାଥ ଭରସାରେ ଜୀଇଁ ଚାଲିଥିଲେ ଜୀବନ । ୮୧ ବର୍ଷ ବୟସରେ ୨୦୧୦ ମସିହାରେ ନଭେମ୍ବର ଦୁଇ ତାରିଖ ମଙ୍ଗଳବାର ଦିନ ରାତ୍ରି ୧୦ ଟା ୩୦ ରେ କଟକଠାରେ ଓଡ଼ିଶା ବାସୀଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରିଥିଲେ ସେ । ତା ପରଦିନ ସକାଳ ୫ଟା ୩୦ରେ ଶ୍ରୀମନ୍ଦିର ପାଖରେ ପାର୍ଥିବ ଦେହ ପହଞ୍ଚିଲା ଉତ୍ତାରୁ ମହାପ୍ରଭୁଙ୍କ ଅଙ୍ଗଲାଗି ଖଣ୍ଡୁଆପାଟ, ତୁଳସୀ ଓ ଆଜ୍ଞାମାଳ ଅର୍ପଣ କରାଯାଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ତରଫରୁ “ଖଣ୍ଡୁଆ ଚଦର” ଅର୍ପଣ କରାଯାଇଥିଲା । ରୋଷଘରରୁ ବୈଷ୍ଣବାଗ୍ନିରେ ତାଙ୍କର ଅନ୍ତିମ

ସଂସ୍କାର ହୋଇଥିଲା ! ଏହିପରି ଉପଲବ୍ଧି କେବଳ ପ୍ରକୃତ ମଣିଷ ହିଁ ପାଏ । 'ଗାର୍ଡ ଅଫ୍ ଅନର୍' ସହ ତାଙ୍କୁ ସ୍ୱର୍ଗଦାରରେ ଭବ୍ୟ ବିଦାୟ ଦେଇଥିଲେ ଓଡିଶାର ପ୍ରାଣବନ୍ତ ଓଡିଆମାନେ । ପରଲୋକ ପରେ ତାହାଙ୍କ ସ୍ମୃତିରେ "ଭିକାରୀ ବଳ ଫାଉଣ୍ଡେସନ" ନାମରେ ଏକ ସଙ୍ଗଠନ ଗଠିତ ହୋଇ ପ୍ରତି ବର୍ଷ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି । ତାହାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରାଯାଇଛି ।

ଭିକାରୀ ବଳଙ୍କ ଭଜନଗୁଡ଼ିକରେ ଭାବ ଓ ଭକ୍ତି ସମାହିତ ରହିଥିବା ଏକ ସ୍ୱତନ୍ତ୍ର ପରିଚୟ ମିଳେ । ଏମିତି କେହି ଓଡ଼ିଆ ନଥିବେ ଯିଏ ଭିକାରୀ ବଳଙ୍କ ଗୀତ ଶୁଣି ଭାବରେ ହଜିଯାଇନଥିବେ । ପରିବେଶକୁ ଭକ୍ତିମୟ କରି ତୋଳେ ଭିକାରୀ ବଳଙ୍କ ଭଜନ । ଭାବପୂର୍ଣ୍ଣ ଶବ୍ଦ ସଂଯୋଜନା ମଧ୍ୟରେ ଭିକାରୀ ବଳଙ୍କ ସ୍ୱର ଦିଏ ପରମ ତୃପ୍ତି । ଭଜନର ଶୀତଳ ସ୍ପର୍ଶରେ ମନ ନିଜ ସତ୍ତା ଭୁଲି ନିସ୍ୱ ଭାବନାରେ କାଳିଆର ଚରଣାଶ୍ରିତ ହୋଇଥାଏ । ଭିକାରୀ ବଳଙ୍କର ଯେଉଁ ଦରଦି କଣ୍ଠ, ଯେକୌଣସି ଭକ୍ତ ଯଦି ତାଙ୍କ ଭଜନ ଶୁଣେ ସେ ଭଗବାନଙ୍କ ଅତି ନିକଟରେ ଅଛନ୍ତି ବୋଲି ନିଶ୍ଚୟ ଅନୁଭବ କରିବେ । ସେ ଯେଉଁଭଳି ଭଜନ ଗାଉଥିଲେ ଲାଗୁଥିଲା ପ୍ରଭୁ ତାଙ୍କ ସ୍ୱର ଶୁଣି ସିଂହାସନରୁ ଓହ୍ଲାଇ ଆସିବେ" । କୁହାଯାଏ ପ୍ରଭୁ ଜଗନ୍ନାଥ ଯେମିତି ଭାବର ଠାକୁର, ଭିକାରୀ ବଳ ସେମିତି ଥିଲେ ଭାବର ଗାୟକ । ଭିକାରୀ ବଳଙ୍କ

କଣ୍ଠରେ ଗୋଟେ ଜାତିର ଭକ୍ତି ଓ ସ୍ୱପ୍ନ ରୂପାୟିତ ହେଉଥିଲା ।

"ଭିକାରୀ କରିବା ଯେବେ ତୁମ ଇଚ୍ଛା,
ନାହିଁ ମୋ ମନରେ ଦୁଃଖ
ସିଂହଦ୍ୱାର ବିନା ଆନଦୁଆରକୁ
ମାଗିଯିବି ନାହିଁ ଭିକ
ଆହେ ଇଚ୍ଛାମୟ, ଇଚ୍ଛାରେ ତୁମରି,
ଦିଅ ମୋର ଥାଳ ଭରି ....
କଲ ଦାଣ୍ଡର ଭିକାରୀ, କଲ ଦାଣ୍ଡର ଭିକାରୀ ..."

(ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରୁ)


ନାଁ ଥିଲା ଭିକାରୀ, ହେଲେ ଭଜନ ଗାଇ ସେ ସମ୍ରାଟ ବୋଲାଇଲେ । ସ୍ୱକୀୟ ସ୍ୱର ଶୈଳୀରେ ଯିଏ ପାଲଟି ଥିଲେ କୋଟିଏ ହୃଦୟ କୁହୁକ । ସେ ଥିଲେ ପ୍ରତିଟି ଓଡ଼ିଆର ମରମ ତଳର ମନପକ୍ଷୀ । ଦରଜ ଭିତର ଦିବ୍ୟଧାରା । ଭକ୍ତିରେ ଭାବକୁ, ଭାବରେ ଭାଷାକୁ ଆଉ ଭାଷାରେ ଭଜନକୁ ଛନ୍ଦିବାର କଳା କୌଶଳ ଭଲଭାବେ ଆୟତ କରିଥିଲେ ଭିକାରୀ ବଳ । ଜୀବନ ଥିଲା ଜଗନ୍ନାଥମୟ ତେଣୁ ଜଗାକାଳିଆର ଭଜନ ଗାଇବାରେ ତାଙ୍କୁ ମିଳୁଥିଲା ଅସମ୍ଭବ ଆତ୍ମସନ୍ତୋଷ । ଜଗତର ନାଥଙ୍କୁ କେବେ ବି କିଛିହେଲେ ମାଗୁନଥିଲେ । କେବେ ପୁଣି କିଛି ନପାଇ ଅଭିମାନ ବି କରୁଥିଲେ । ସତରେ ସେ ଥିଲେ ଶହେ ମନର ମୃଦୁ ମୌସୁମୀ, ହଜାରେ ହୃଦୟର ହୀରା-ମୋତି,

ପତିତ ପ୍ରାଣର ପୁଲକ, ଅତିଷ୍ଠ ଆତ୍ମାର ଆନନ୍ଦ । ଶହ ଶହ ଭାବବୋଲା ଭଜନ ଜରିଆରେ ଭିକାରୀ ବଳ ଆଜି ମଧ୍ୟ ଅଛନ୍ତି ଓ ଥିବେ ଯେପର୍ଯ୍ୟନ୍ତ ଅଛି ଓଡ଼ିଆ ଜାତିର ଅସ୍ମିତା ଓ ଅସ୍ତିତ୍ୱ ।

*****

**ବୈଦିକ ମହାବିଦ୍ୟାଳୟ,**

**ସମ୍ବଲପୁର**




**ଭ**ଗବାନଙ୍କ ସୃଷ୍ଟି କେଡେ ବିଚିତ୍ର ସତରେ ! ସୃଷ୍ଟି ଆରମ୍ଭରୁ ମଣିଷକୁ କିଛି ନା କିଛି ସମ୍ପର୍କର ଡୋରିରେ ବାନ୍ଧି ରଖିଛନ୍ତି । ଭଗବାନଙ୍କ ସେହି ସମ୍ପର୍କ ରୂପୀ ମାୟା ଜାଲରେ ସତେ ଯେପରି ପ୍ରତ୍ୟେକଟି ମାନବ ଛନ୍ଦି ହୋଇ ରହିଛନ୍ତି । ବାପା, ମା, ଭାଇ, ଭଉଣୀ, ସାଙ୍ଗସାଥି ଏମିତି ଅନେକ ସମ୍ପର୍କ । ସେଥିମଧ୍ୟରୁ ଯେଉଁ ସମ୍ପର୍କକୁ ଆଧାର କରି ଏଇ ସୃଷ୍ଟି ଆଗେଇ ଚାଲିଛି ସେଇଟା ବନ୍ଧୁ । ବନ୍ଧୁ ଅର୍ଥାତ୍ ଆମ ସହପାଠୀ ନୁହେଁ କି ଆମ ଖେଳକୁଦର ସାଙ୍ଗ କି ସାଥି ନୁହେଁ ତାହା ତ ହେଉଛି ଜୀବନର ସାଥୀ । ଯାହାକୁ ନେଇ ଏଇ ସଂସାର ଚାଲିଛି ସତରେ । ଜୀବନର ଚଲାପଥରେ ଯାହାର ହାତ ଧରି ବାଟ ଚାଲି ଥାଉ ସେହି ସାଥୀ । ସତରେ ମଣିଷ ଜୀବନରେ ଗୋଟେ ଜୀବନ ସାଥୀଟିଏ ନିହାତି ଦରକାର ଯାହା ସହ ସେ ତାର ସୁଖଦୁଃଖ ସବୁ କିଛି ମନ ଖୋଲି ବାଣ୍ଟି ପାରୁଥିବ । ବାପା ମା ତ ଆମକୁ ସଂସାରକୁ ଆଣି ହାତଧରି ଚାଲିବା ଶିଖାଇ ଥା'ନ୍ତି ମାତ୍ର ଜୀବନର ଆଉ

ବାକିତକ ସମୟ ଚାଲିବା ପାଇଁ ଆମକୁ ଜୀବନସାଥୀ ଟିଏ ଦରକାର । ସୁଖଦୁଃଖ ଖଞ୍ଜିତ ଦୁର୍ଗମ ପଥ ଦେଇ ତାରି ହାତଧରି ଚାଲିବାକୁ ପଡେ । ଜୀବନର ରାସ୍ତାରେ ଝୁଣ୍ଟିଗଲେ ଜଣେ ଅନ୍ୟ ଜଣଙ୍କୁ ସମ୍ଭାଳି ନିଏ । ପ୍ରତ୍ୟେକ ମଣିଷ ତା ଜୀବନରେ ଗୋଟେ ଭଲ ନିଃସ୍ୱାର୍ଥପର ସାଥୀଟିଏ ଖୋଜିବୁଲେ ଯାହା ସହ ସିଏ ତା ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ହସି କାନ୍ଦି ବିତାଇବ । ମାତ୍ର ଦୈବର ବିଚାର କିଛି ଅଲଗା । ଜୀବନସାଥୀର ଅନୁସନ୍ଧାନରେ କେହି ସଫଳ ହୁଅନ୍ତି ତ କେହି କେହି ବିଫଳ ମଧ୍ୟ ହୁଅନ୍ତି । କେହି କେହି ଜୀବନସାଥୀର ଅନୁସନ୍ଧାନରେ ନିଜକୁ ହଜାଇ ଦିଅନ୍ତି, ମାତ୍ର ବିଫଳତାର ଦ୍ୱାରମୁଖୀ ହୁଅନ୍ତି । ଆଉ କିଏ ସଫଳତାର ଡୋରୀରେ ବାନ୍ଧି ହୋଇଯାନ୍ତି । ଜୀବନରେ ଯଦି ସଚ୍ଚୋଟ, ନିଷ୍କପଟ, ନିଃସ୍ୱାର୍ଥପର ମଣିଷଟିଏ ନିଜ ଜୀବନସାଥୀ ଭାବେ ମିଳେ ନା ସେହି ମଣିଷର ଜୀବନ ସତରେ ସ୍ୱର୍ଗ ପାଲଟି ଯାଏ । ନିଜକୁ ହଜାଇ ଦିଏ ସେ ତା ସାଥୀ ଭିତରେ । ତା ଜୀବନର ସବୁଠାରୁ ଖାସ୍ ଲୋକ ହୋଇଯାଏ ତା ସାଥୀ । ପ୍ରତ୍ୟେକଟି ମୁହୂର୍ତ୍ତ ସେ ତା ଜୀବନସାଥୀ ସହ ବିତାଇବାକୁ ଚାହେଁ । ଶରୀର ଯେପରି ତା ପାଖରେ ଆଉ ତା ମନ ଓ ପ୍ରାଣ ତା ସାଥୀ ଭିତରେ ଥାଏ । ତା ଠାରୁ ଗୋଟେ ମୁହୂର୍ତ୍ତର ଦୂରତା ବି ତାକୁ ବିଚଳିତ କରେ । ସମସ୍ତଙ୍କ ମଧ୍ୟରେ ସେ ତାକୁ ହିଁ ଖୋଜିବୁଲେ । ପ୍ରକୃତରେ ମଣିଷ ଜୀବନରେ ଜୀବନସାଥୀ ଏମିତି ଗୋଟେ ମଣିଷ ଯାହାକୁ ନେଇ ସେ ତା'ର ସାରା ଜୀବନ ଚାଲିଥାଏ । ହାରିବାକୁ କି

ମରିବାକୁ ତା'ର ଡର ନଥାଏ । ସାଥୀଟିକୁ ସାଙ୍ଗରେ ପାଇ ତାକୁ ସତେ ଯେପରି ଲାଗେ ଦୁର୍ଗମ ଗିରିପର୍ବତ ବି ସେ ବିନା କ୍ଲାନ୍ତରେ ଅତିକ୍ରମ କରିଯିବ । ମୃତ୍ୟୁ ସହ ବି ଲଢ଼ିଯିବ । ସାଙ୍ଗରେ ଯାହାର ଗୋଟେ ସଚ୍ଚୋଟ ମଣିଷଟିଏ ସାଥୀ ହୋଇ ରହିଥାଏ ନା, ଯଦି କେବେ ତା ଶରୀରରେ ଦାଗ ଟିକେ ବି ଲାଗିଥାଏ ତଥାପି ବି ସେ ଚନ୍ଦ୍ର ପରି ଉଜ୍ଜ୍ୱଳ, ସ୍ୱଚ୍ଛ ଓ ପବିତ୍ର ହୋଇ ରହିଥାଏ । ଜୀବନରେ ଏପରି ସାଥୀ ଏତେ ସହଜରେ ମିଳେ ନାହିଁ । ଗୋଟେ ଅଜଣା ଅଚିହ୍ନା ମଣିଷ ବି କେଉଁ ମୁହୂର୍ତ୍ତରେ ଆମ ମନରେ ଜାଗା କିଣିନିଏ ଯେମିତି । ଦୁଇ ମନ, ଦୁଇ ପ୍ରାଣ ଏକାଠି ହୋଇ ଦୁହିଁଙ୍କ ଜୀବନରେ ଏକ ନବ ପୁଲକ ସୃଷ୍ଟିକରେ । ଶୈଶବର ପ୍ରତିଟି ମୁହୂର୍ତ୍ତ ହସଖୁସିରେ ସେମାନେ କଟାଇ ଦିଅନ୍ତି । କେତେବେଳେ ପବନର ଘୋଡାରେ ବସି ଉଡିବୁଲାନ୍ତି ତ କେତେବେଳେ ଝରଣାର କଳ କଳ ନାଦରେ ଭାସି ଭାସି ଗୀତ ଗାଇବୁଲନ୍ତି । ମନରେ ପରସ୍ପର ଠାରୁ ଦୂରେଇ ଯିବାର ଭୟ ସବୁବେଳେ ଉଙ୍କି ମାରୁଥାଏ । ପ୍ରତ୍ୟେକଟି ସମୟରେ ପରସ୍ପର ବିଷୟରେ ଚିନ୍ତା କରିବା ସତେ ଯେପରି ତାଙ୍କର ଦୈନିକ ରୋଟିନରେ ପରିଣତ ହୋଇଯାଏ । ତାର ଯତ୍ନ ନେବା ତା ବିଷୟରେ ବୁଝିବା ଯେପରି ତା'ର ଧର୍ମ ପାଲଟି ଯାଇଥାଏ, ଯାହାକୁ ସେ କେବେ ବି ହେଳା କରିପାରିବ ନାହିଁ । ଯେତେ ଝଡ଼ ବତାସ, ଦୁଃଖ ଦୁର୍ଦ୍ଦଶା ଆସିଲେ ମଧ୍ୟ ସେ ସାଥୀ ଯେପରି ସେହି ସମୟରେ ତା'ର ପ୍ରକୃତ ବନ୍ଧୁ ପାଲଟିଯାଏ । ସେହିଭଳି ସାଥୀଟିକୁ ପାଖରେ ପାଇ ତା ଜୀବନର

ପ୍ରତ୍ୟେକଟି ପାହାଚ ଯେପରି ସବୁଜିମାରେ ଭରିଯାଏ, ନା ଥାଏ କଳାମେଘ ଘୋଟିବାର ଡର ନା ଥାଏ ଶୁଖିଲା ଭୂମି ଫାଟିଯିବାର ଆଶଙ୍କା । ବାସ୍ତବରେ ପ୍ରକୃତ ବନ୍ଧୁ ଟିଏ, ସଚ୍ଚୋଟ ମଣିଷଟିଏ ପାଇବା ପାଇଁ ମଣିଷ ବହୁତ୍ ଚେଷ୍ଟାକରେ । ମଣିଷ ଜୀବନକୁ ଫୁଲ ସବୁଜିମାରେ ଭରିଦେବା ପାଇଁ ଗୋଟେ ଜୀବନସାଥୀ ଟିଏ ହିଁ ନିହାତି ଦରକାର ହୋଇଥାଏ ଯିଏ ତାକୁ ବୁଡିଯାଉ ଥିବା ନଦୀରେ କୁଟାଟିଏ ଭଳି ସାହାରା ଦେବ । ଶୁଖିଯାଇଥିବା ବୃକ୍ଷରେ ପାଣିଦେଇ ରଙ୍ଗୀନ୍ କରିଦେବ । ପ୍ରକୃତରେ କହିବାକୁ ଗଲେ ଏକ ରଙ୍ଗୀନ୍ ଜୀବନ ନେଇ ବଞ୍ଚିବା ପାଇଁ ଗୋଟେ ଜୀବନସାଥୀର ଏକାନ୍ତ ଆବଶ୍ୟକତା ରହିଛି । ଆଉ ବାକି ରହିଲା କାହାକୁ କିପରି ସାଥୀଟିଏ ମିଳିବ । ତାହା ତ ବିଧାତାର ଖେଳ । ଯାହା ଭାଗ୍ୟରେ ସେ ଯେପରି ମଣିଷଟିଏ ଖଞ୍ଜିଥିବେ ତାକୁ ସେହିପରି ସାଥୀଟିଏ ମିଳିବ, ତା ହାତ ଧରି ସାରା ଜୀବନ ଚାଲିବା ପାଇଁ । ସାଥୀଟିଏ ଭଲ ହୋଇ ଥାଉ କି ଖରାପ୍, ଗୋଟେ ଭଲ ପ୍ରକୃତ ବନ୍ଧୁ ହିସାବରେ ତା'ର ସବୁ ଭୁଲକୁ କ୍ଷମା କରି ତାକୁ ଠିକ୍ ବାଟରେ ବାଟୋଇ ନେବାର କର୍ତ୍ତବ୍ୟ ତ ଆମର ନା । କର୍ତ୍ତବ୍ୟ ତ ନୁହେଁ ତାହା ଆମ ଧର୍ମ । ସେଥିପାଇଁ ମନ କଷ୍ଟ କରିବାର କିଛି ନାହିଁ, ବରଂ ନିଜ ସାଥିକୁ ସଠିକ୍ ରାସ୍ତାରେ ତା ହାତଧରି ଆଗେଇନେଲେ ଯେଉଁ ଖୁସି ମିଳିବ ତାହା ଆମର ପରିଶ୍ରମ ଆଉ କଷ୍ଟକୁ ଲୋପ କରିଦେବ । ତେଣୁ ସର୍ବ ପ୍ରଥମେ ଆମେ ଚେଷ୍ଟା କରିବା ଗୋଟେ ସାଥୀଟିଏ ପାଇଁ ନିଜେ ଗୋଟେ ପ୍ରକୃତ ବନ୍ଧୁ

ପ୍ରଥମେ ହେବା, ତା ସୁଖଦୁଃଖରେ ତା ପାଦରେ ପାଦ ମିଶେଇ ଚାଲିବା, ତା ହାତଧରି ତାକୁ ଗ୍ରୀଷ୍ମ ଋତୁରେ ବାଟୋଇ ପାଇଁ ବରଗଛ ଭଳି ସାହାରା ଦେବା । ପରସ୍ପର ପାଇଁ ସୁରକ୍ଷା କବଚ ହୋଇ ରହିବା । ତାହା ହିଁ ତ ହେବ ପ୍ରକୃତ ଭଲ ପାଇବା, ତେବେ ତ ଆମେ ଗୋଟେ ସଚ୍ଚୋଟ ଜୀବନସାଥୀ ହୋଇ ପାରିବା ଓ ପାଇପାରିବା ମଧ୍ୟ ।

*****

**ବଡ଼ଦାଣ୍ଡ, ପୁରୀ**



# ଶୈଶବର ଡ଼ାକ

ଶୁଭଶ୍ରୀ ପଣ୍ଡା

**ସ**ତରେ ନା, କେଡେ ବିଚିତ୍ର ଏ ଜୀବନ ! କେତେବେଳେ କୋଉ ମୁହୂର୍ତ୍ତରେ ଯେ ସେ ବଦଳିଯାଏ କେହି ଜାଣିପାରନ୍ତିନି । ଆଉ ଖାଲି କ'ଣ ଏଇ ଜୀବନ କି, ତା ସାଥି ସମୟ କୋଉ ଭଲ ଯେ ? ସେ ବି ଆହୁରି ବଡ଼ ବିଚିତ୍ର ସତରେ । ବିଚିତ୍ର ନୁହେଁ ତ, ଭାରି କପଟୀ ଆଉ ଧୂର୍ତ୍ତ ସେ । କ୍ଷିପ୍ର ଗତିପାଇବା ସହ ନିଜ ଭିତରେ ସାଇତିଛି ବହୁତ ସାରା ଜିଦ୍ ଆଉ ଗର୍ବ । ହଁ....ମଁ..ଆଉ ଗର୍ବ ରହିବନି ବା କେମିତି.....ତା'ର ଆଉ ଗୋଟେ ନାଁ ପରା "କାଳ" । ସମସ୍ତେ ବି କୁହନ୍ତି କୁଆଡେ, "କାଳର କରାଳ ଗତିରେ ଆମେମାନେ ବଶବର୍ତ୍ତୀ" । ଦେବତା ଯକ୍ଷ, ରକ୍ଷ ଓ ଗନ୍ଧର୍ବ ବି ହାର ମାନିଛନ୍ତି ଏଇ କାଳ ଆଗରେ । ଆଉ ଆମେମାନେ ତ ଛାର ସାଧାରଣ ମଣିଷ । ଆମକୁ ବା ସେ କୋଉଠୁ ଛାଡ଼ିଦେବ ଯେ ? ସଭିଙ୍କୁ ବଦଳେଇବାର କ୍ଷମତା ପାଇଥିବାରୁ ବୋଧେ ସେ ଏତେ ଜିଦିଆ ଆଉ ଗର୍ବୀ । ହଉ ଛାଡ଼ ମଁ.... ମୁଁ ଏଠି ସେ ଗର୍ବୀ ସମୟ କଥା କହିବିନି କାହିଁକିନା ତା ବିଷୟରେ କହିଲେ ତ

ପୋଥିଟିଏ ହୋଇଯିବ ପଛେ ସରିବନି । କାହିଁ କେତେ ଉଦାହରଣ ଓ ଘଟଣାମାନ ଆଖି ଆଗକୁ ଚାଲିଆସିବ, ଆଉ ସେ ସବୁକୁ ବର୍ଣ୍ଣନା କରିବା କି ଚିତ୍ରଣ କରିବା ମୋ ପାଇଁ କାଠିକର ପାଠ ନକହି ବରଂ ଅସମ୍ଭବ କହିବା ଠିକ୍ ହେବ ।

ହଉ ସେକଥା ଛାଡିକି ମୁଁ ଏଠି ମୋ କଥା କହୁଛି ଶୁଣନ୍ତୁ । ମୁଁ ହେଉଛି ଗୋଟେ ସାଧାରଣ ଝିଅଟିଏ । ସମସ୍ତଙ୍କ ଭଳି ମୁଁ ବି ମୋ କର୍ମପଥରେ ଅଗ୍ରସର । ସେଇ ଜିଦଖୋର ଆଉ ଗର୍ବୀ ସମୟର ଚକରେ ଗଡି ଗଡି ଆସି କୋଉଦିନ ଯେ ୧୮ ବର୍ଷ ପାରକରି ସାବାଳିକା ଟିଏ ହୋଇଗଲିଣି, ସେଆଡକୁ ମୋର ତିଳେ ହେଲେ ବି ନଜର ନାହିଁ । ଆଜି ବି ମୁଁ ମୋ କୁନି ଭାଇ ଭଉଣୀଙ୍କ ସହ ଏମିତି ମିଶିକି ଖେଳୁଛି ଯେ, ବାପା କୁହନ୍ତି ମାମୁନିଟା ଆମର ଦିନକୁ ଦିନ କେମିତି ବେଶି ଛୁଆ ହେଇଯାଉଛି । ଦେଖୁନ, ଏତେବଡ଼ ହେଲାଣି ତଥାପି କେମିତି ଜୀବନ, ଆଉ ଜୁବୁଲିଙ୍କ ଠାରୁ ବି ମନେମନେ ନିଜକୁ ଆହୁରି ଛୁଆ ଭାବୁଛି । ପିଲାଳିଆମୀରେ ସେମାନଙ୍କୁ ବି ବଳିଗଲାଣି ଆମ ମାମୁନି ।" ବାପାଙ୍କର ଏହି ଗେଲ୍ହା ମାମୁନି ଡ଼ାକ ଟା ପିଲାବେଳୁ ମୋର ଭାରି ପସନ୍ଦ । ତାଙ୍କର ଏହି ଡ଼ାକ ମୋ ହୃଦୟରେ ଭରିଦିଏ ଅସରନ୍ତି ଆନନ୍ଦର ଢେଉ । ଲାଗେ ଯେମିତି ସତରେ ମୁଁ କୁନି ଛୁଆଟିଏ ପାଲଟି ଯାଇଛି । ନୂଆ ନୂଆ ଚାଲି ଶିଖୁଛି । ନୂଆ ନୂଆ କଥା କହୁଛି । ବାପାଙ୍କର ଏହି ସ୍ନେହ ଆଉ ଭଲ ପାଇବା ପୂର୍ଣ୍ଣ ମିଠା ଡ଼ାକଟା ସତେ

ଯେପରି ମୋତେ ଆହୁରି ଇନ୍ଧନ ଯୋଗାଇ ଦିଏ ଫୁଲେଇ ହେଇ ଖେଳିବାକୁ । ଗେଲ୍ହେଇ ଗେଲ୍ହେଇ କଥା କହିବାକୁ । ହେଲେ ଖେଳିବାର କିଛି ସମୟ ପରେ ପୁଣି ହଠାତ୍ ମନକୁ ଆସେ.. ..ଆରେ ମୁଁ ବା ବଡ଼ ପିଲାଟା, ଏଠି ଏମିତି ଖେଳୁଛି କ'ଣ ଯେ ? ଯାଏଁ କ'ଣ ଗୋଟାଏ କାମ କରିବି । ପାଠ ପଢିବି କି ଚିତ୍ର କରିବି କି ଆଉ କ'ଣ ଗୋଟେ କରିବି । ଛୁଆଙ୍କ ସାଙ୍ଗରେ ଖେଳିବି ଗୋଟାଏ କ'ଣ ଯେ !!....ମୁଁ ସତରେ ଛୁଆ ନା କ'ଣ ?......ନା, ନା ମୁଁ ଛୁଆ ନୁହେଁ... ମୋ ପିଲାଦିନ, ମୋ ଶୈଶବ ତ କେବେଠୁ ମରିସାରିଛି । ଏବେ ମୁଁ ଆଉ ଛୁଆ ନୁହେଁ.. ଶିଶୁ ନୁହେଁ.. ମୁଁ କିଶୋରୀ ବି ନୁହେଁ.... ମୁଁ ତ ବଡ଼ ପିଲା... ଏବେ ମୁଁ ବୋଧେ ଯୁବତୀ ହେଇଗଲିଣି । ଏଇଆ ଭାବି ଭାବି ଖେଳ ଜାଗାରୁ ଉଠିଚାଲିଯାଏ ଆଉ ପଢ଼ାଘରକୁ ଯାଇ ବହି ପଢିବାକୁ ଲାଗେ । କିଛି ସମୟ ଯାଇଛି କି ନାହିଁ ହଠାତ୍ ମୋ କାନକୁ ଶୁଭେ ଏକ କଅଁଳିଆ କ୍ଷୀଣ ଡ଼ାକ, "ମାମୁନି.... ଏ.... ମାମୁନି... ମାମୁନି ଲୋ... ଏ ମାମୁନି.... "। ମୁଁ କାନ ଡେରେ କିଏ ଡାକୁଛି ବୋଲି.... ଏ ତ ବାପାଙ୍କ ସ୍ୱର ନୁହେଁ....ଏ ତ କୋଉ ଟିକି ଝିଅର ଡ଼ାକ..... ଟିକି ଝିଅ ଆଉ ଏଠି କିଏ ଯେ....ଜୁବୁଲି ସ୍ୱର ବି ତ ଇଏ ନୁହଁ..... ତାହେଲେ କିଏ ଡାକୁଛି.... । ମୁଁ ପାଟି ଖୋଲି କୁହେ, କିଏ ? କିଏ ?...ବୋଲି ଆଉ ତାପରେ ତାକୁ ଖୋଜିବାକୁ ଚେଷ୍ଟା କରେ କିନ୍ତୁ ତାକୁ ପାଏନି... ମୁଁ ବିଚଳିତ ହୋଇ ଉଠେ ଆଉ ଧୀରେ ଧୀରେ ସେ ସ୍ୱର ତୀବ୍ରତର ହେବାରେ ଲାଗିଥାଏ । ଶେଷରେ ମୁଁ ସହିନପାରି ଦୁଇ ହାତରେ ମୋ

କର୍ଣ୍ଣଦ୍ୱାର ବନ୍ଦ କରିଦିଏ । କିନ୍ତୁ ସେ ଡ଼ାକ ବନ୍ଦ ନହେଇ ଆହୁରି ଜୋରରେ ଶୁଭେ । ଆଉ ମୁଁ ସେଇଥିରୁ ଜାଣିପାରେ ଯେ ଏ ଡ଼ାକ ବାହାରୁ କୋଉଠୁ ନୁହେଁ ମୋ ଅନ୍ତର ଭିତରୁ ଆସୁଛି । ଆଉ ଏ ଡ଼ାକ କୋଉ ବାହାର ଲୋକର ଡ଼ାକ ନୁହେଁ ବରଂ ଏ ଡ଼ାକ ହେଉଛି ମୋ ଶୈଶବର ଡ଼ାକ । ସମୟ ଚକରେ ବୁଲିବୁଲି ମୋ ଜୀବନଟା ସିନା ବଦଳିଗଲା...ମୋ ଶରୀରରୁ ସିନା ଶୈଶବର ଛିଟା ଲିଭିଗଲା.... ହେଲେ ମୋ ମନରେ ମୋ ଅନ୍ତର ଭିତରେ ଆଉ ମୋ ଆତ୍ମାରେ ମୋ ଶୈଶବ ଏବେ ବି ବଞ୍ଚିଛି । ତା ଡ଼ାକ ମୋତେ ଏବେ ବି ଶୁଭୁଛି । ସେ ଶୈଶବକୁ ପୁଣି ପଦାକୁ ଆଣିବାକୁ ଭାରି ଇଚ୍ଛାହୁଏ ହେଲେ କେମିତି ଆଣିବି କ'ଣ କରିବି ଜାଣିପାରେନି ।

**************

କାହିଁକି କେଜାଣି ଆଜି ସେ ପଢ଼ାଘର ତାଜା ଉପରକୁ ଟାଁହୁ ଟାଁହୁ ହଠାତ୍ ନଜର ଯାଇ ଅଟକି ଗଲା ଗୋଟେ ଛୋଟ କାଗଜ ପେଟିଟି ଉପରେ । ଦେଖୁ ଦେଖୁ ଆଉ ସମ୍ଭାଳି ରହିପାରିଲିନି । ସାଙ୍ଗେ ସାଙ୍ଗେ ସେ ପେଟିକୁ ତଳକୁ ଆଣି ଖୋଲି ଦେଖେ ତ, ମୋର ଶୈଶବର ସ୍ମୃତି ଆଜି ବି ତା' ଭିତରେ ଜୀବନ୍ତ ହେଇ ରହିଛି । ଘରର କବାଟ କାମ ବେଳେ ବଢ଼େଇ ଠାରୁ ଲୁଚେଇ ଆଣିଥିବା ବଳକା କାଠଖଣ୍ଡ ସବୁର ଯୋଡ଼େଇ ହୋଇ ନିଜ ହାତରେ ତିଆରି କରିଥିବା ଖଟ, ଚେୟାର, ଟେବୁଲ, ସୋଫା, ଆହୁରି କେତେ କ'ଣ । ତାକୁ ଦେଖୁ ଦେଖୁ ପୁଣି ମନେପଡ଼ିଲା ଆହୁରି କେତେକଥା ।

ମନେପଡ଼ିଲା ସେତେବେଳେ ଫର୍ନିଚର ସବୁ ତିଆରି ପାଇଁ ସାଇତି ରଖିଥିବା ଛୋଟ ଛୋଟ ସ୍ପଞ୍ଜ, ଛୋଟ କପଡା ଏବଂ ଭଲ ଭଲ କାଗଜ ଓ ପୋଷ୍ଟ ବୋର୍ଡ଼ର ଟୁକୁଡ଼ା ସବୁ, ଯାହାକୁ ମୁଁ ରଖିଥିଲି ବେଡ଼ସିଟ, କୁସନ କଭର, ଆଉ ଟେବୁଲ କଭର ଇତ୍ୟାଦି ସବୁ କରିବା ପାଇଁ । ଏସବୁ ଦେଖିବା ମାତ୍ରେ ମୋ ମନ ଭିତରେ ଦୌଡ଼ିବାକୁ ଲାଗିଲା ଶଂଖୀ ବିଲେଇ ଟିଏ, ସତେ ଯେମିତି ଝାମ୍ପମାରି ସାଙ୍ଗେ ସାଙ୍ଗେ ସବୁ ସଜାଡି ଦବ, ସବୁ ତିଆରି କରିଦେବ ନିଜ ଭାବନା ମୁତାବକ । ହେଲେ ହଠାତ୍ ପୁଣି ମନ ଭିତରେ ଆବାଜଟିଏ ଆସିଲା, "ଆରେ...ଆରେ ତୁ ଏ କ'ଣ ସବୁ ଭାବୁଛୁ ? ଶୁଭଶ୍ରୀ... ତୁ ଆଉ ମାମୁନି ହେଇ ନାହୁଁ... ତୁ ବା ବଡ ହେଇଗଲୁଣି, ଆଉ ଏସବୁ ଖେଳଣାକୁ ଯଦି ଘରଲୋକ କିଏ ତୋ ସହ ଦେଖିବେ, ତାହେଲେ କ'ଣ ଭାବିବେ ତୁ ଜାଣିପାରୁଛୁ ତ ? ଆରେ ହସି ହସି ତୋର ମଜାକ ଉଡେଇଦେବେରେ ସମସ୍ତେ । ତୋ ଖେଳନା ସବୁକୁ ତୋଠୁ ଛଡେଇ ନେଇ ଦୁଆରକୁ ଫିଙ୍ଗିଦେବେରେ । ସମସ୍ତେ ହସୁଥିବେ... ହା ହା..ହା ହା... ହା.. ହା.. ତା' ପରେ ସଂଗେ ସଂଗେ ଚମକି ପଡି ଭାବନା ରାଇଜରୁ ଫେରିଆସିଲି ମୁଁ । ମନକୁ ମନ କହିବାକୁ ଲାଗିଲି.., "ନାଇଁ.. ନାଇଁ... ମୋ ଖେଳନାକୁ ମୋଠୁ କେହି ଛଡେଇ ନେଇ ପାରିବେନି.. ନାଇଁ କେହି ନୁହେଁ..... "ତାପରେ ଟିକେ ଇତସ୍ତତଃ ହେଇଯାଇ ମୁଁ ପୁଣି ପେଟିଟିକୁ ପୂର୍ବଭଳି ସାଇଜ୍ କରି ବାନ୍ଧିକି ରଖିଦେଲି ପେଟିର ପୂର୍ବ ସ୍ଥାନ ସେଇ ତାଜା ଉପରେ । ମସ୍ତିଷ୍କ ଆଉ ବିବେକ

କଥାରେ ସିନା ସେ ପେଟିଟିକୁ ଲୁଚେଇ ରଖିଦେଲି, ହେଲେ ମନକୁ ଆଉ ମନର ସେ ଅସୁମାରୀ ଭାବନାକୁ ନେଇ କୋଉଠି ଆଉ କେତେବେଳ ଯାଏ ଲୁଚେଇ ରଖିଥାନ୍ତି ଯେ ? କୋଉ ଲଗାମ ଦେଇ ହେଉଛି ଯେ ଏଇ ମନଟାକୁ, ତାକୁ ସବୁଦିନ ଲୁଚେଇ ରଖିପାରିବି । ତା' ପରେ ବାଧ୍ୟ ହେଇ ସେଇ ମନର ଦୁଃଖ ମେଣ୍ଟାଇବା ପାଇଁ ଭାବିଲି ଆଜି ସବୁ ଲେଖିଯିବି ବୋଲି । ଡାଇରୀ, ପେନ ଓ ବହିଟିଏ ଧରି ପଢିବା ବାହାନାରେ ବସିପଡ଼ିଲି ସୁନା ପିଲାଟିଏ ହେଇ । ବହି, ଖାତା ମେଲେଇ ପେନଟିକୁ ଏମିତି ଧରିଲି ସତେ ଯେମିତି ସବୁତକ ପାଠ ମୁଁ ପୁରା ପିଇଯାଉଛି ଏକାବେଳେ ଢକ ଢକ କରି, ଠିକ୍ ଖରାଦିନର ସେ ତୃଷାର୍ତ୍ତ ବାଟୋଇ ଢକ ଢକ କରି ପିଇଯାଉଥିବା ପାଣି ପରି । ହେଲେ ମନରେ ଚାଲିଥାଏ କେତେ କଥା ଆଉ କେତେ ସ୍ମୃତି । ସେଇ କାଠର ଖେଳଣାକୁ ସିନା ପେଟିରେ ବନ୍ଦ କରି ତାଜା ଉପରେ ରଖିଦେଲି, ହେଲେ ମନର କବାଟକୁ ଧସେଇ ପଶିଗଲେ ଛୋଟବେଳେ ମୋର ଅତିପ୍ରିୟ ଥିବା ସେଇ ଖେଳଣା ସବୁ । ଡକ୍ଟର ସେଟ, କିଚେନ ସେଟ, କଣ୍ଢେଇ, କାଗଜ ଖେଳଣା, କୁରକୁରେରୁ ଭାଇ, ଭଉଣୀଙ୍କ ଠାରୁ ଲୁଚେଇ ରଖିଥିବା ଛୋଟ ଛୋଟ ଖେଳଣା ସବୁ । ତା' ସହ ମନେପଡ଼ିଗଲା ଗୋଟେ ଛୋଟ ଘଟଣାଟିଏ ଜୀବନ୍ତ ପରି । ସେତେବେଳେ ମୁଁ ପଢୁଥାଏ ଦଶମ ଶ୍ରେଣୀରେ । ମୋ ପଢ଼ା ଘରଟି ଥିଲା କେବଳ ମୋର ଆଉ ମୋ ଜେଜେଙ୍କର । ସେ ଜଗନ୍ତି ଆଉ ମୁଁ ପଢେ । ନହେଲେ ସେ ନଥିବାବେଳେ ମୁଁ ଭିତର ପଟୁ କବାଟ ଦେଇ ପଢେ,

ନହେଲେ ପଢିବା ବାହାନାରେ ଖେଳେ, ଚିତ୍ରକରେ ଆଉ ବେଳେବେଳେ ବହିକୁ ମୁହଁରେ ରଖି ଶୋଇପଡ଼େ ଅଚିନ୍ତା ନିଦରେ । ସେଦିନ ସବୁଦିନ ଭଳି ମୁଁ କବାଟ ଦେଇ ପଢିବାକୁ ବସିଲି ମୋ ସବୁଠୁ ପ୍ରିୟ ପଢ଼ାଘରେ । ହଠାତ୍ କ'ଣ ମନ ହେଲା କେଜାଣି ପଢ଼ା ମଝିରୁ ଉଠିକି ଖେଳଣା ସବୁକୁ ଖୋଲି ଦେଖୁଥାଏ ଆଉ ସଜାଡୁଥାଏ । ହେଲେ ସେଦିନ ମୋ ଅଜାଣତରେ ଝରକା ସେପଟେ ବୋଉ ମୋର ଏସବୁ କାର୍ଯ୍ୟକଳାପ ଦେଖୁଥାଏ ଆଉ ହସୁଥାଏ । କିଛି ସମୟ ପରେ ସେ ନିଜେ ଆଉ ଏକା ନ ହସି ଯାଇ ଖୁଡି ଆଉ ଜେଜେ ମା'ଙ୍କୁ ହସିବାର ଖୋରାକ ଯୋଗାଇବା ପାଇଁ ଡାକି ଆଣି ଦେଖାଇଲା ତା'ର କଲେଜକୁ ପାଦ ଦେବାକୁ ଯାଉଥିବା ବଢ଼ିଲା ଝିଅର ପିଲାଳିଆମୀ କାର୍ଯ୍ୟକଳାପ ସବୁ । ବହୁତ ହସିଲେ ସେମାନେ ଆଉ ଯାଇ ଜୀବନ ଆଉ ଜୁବୁଲିଙ୍କୁ କହିଲେ, "ଯାଅରେ ପିଲେ ଦେଖିବ ଯାଅ ଜଲଦି.... ତୁମ ନାନୀ କେତେ ଖେଳଣା ରଖିଛି, ଯାଅ ଦେଖିବ ।" ଏକଥା ଶୁଣିଲା ମାତ୍ରେ ସେ ଦିଜଣ କ'ଣ ଆଉ ସେଠି ଅଛନ୍ତି କି ! ଶିକାର ପାଇଯାଇଥିବା ହିଂସ୍ରଜନ୍ତୁଙ୍କ ଭଳି ମାଡି ଆସିଲେ ମୋ ପଢ଼ାଘର ଆଡକୁ କ୍ଷୀପ୍ର ଗତିରେ । "ନାନୀ, ନାନୀ କବାଟ ଖୋଲ, କବାଟ ଖୋଲ "କହି ଚିତ୍କାର କରି ଉଠିଲେ ଦୁଇଜଣ ଯାକ । ଜିଦ୍ କରି ଅଝଟ କଲେ ଆଉ କାନ୍ଦିଲେ । ଭାଇ, ଭଉଣୀଙ୍କ କାନ୍ଦ ଶୁଣି ମୋ ଭିତରେ ଥିବା ବଡ଼ ଭଉଣୀ ଜାଗି ଉଠିଲା । ପ୍ରାଣଠାରୁ ପ୍ରିୟ ଭାଇ ଭଉଣୀଙ୍କ ବିକଳ କାନ୍ଦ ସହି ନପାରି କ'ଣ କିଛି ଅସୁବିଧା ହେଉଛି କି ଭାବି ବାଧହେଇ

କବାଟଟାକୁ ଖୋଲିଦେଲି । ଆଶ୍ଚର୍ଯ୍ୟର କଥା ଯେ ସାଙ୍ଗେ ସାଙ୍ଗ ପିଲା ଦିଟାଙ୍କ କାନ୍ଦ ବନ୍ଦ । ଆଉ ତା' ପରେ ମୁଁ କିଛି ଭାବିବା ପୂର୍ବରୁ ଅଚାନକ କଳା ବାଦଲ ମାଡ଼ିଆସିଲା କିଛି ସମୟ ପୂର୍ବରୁ ଅତି ଯତ୍ନରେ ସଜାଡୁଥିବା ମୋର ଅତିପ୍ରିୟ ଖେଳଣା ଆକାଶରେ । ମୋ ଭାଇ ଭଉଣୀ ଦିଜଣ ଝାମ୍ପମାରି ଆକ୍ରମଣ କଲେ ସେମାନଙ୍କ ଜୀବନକୁ । ସହିଦ୍ ହୋଇଗଲେ ବିଚରା ନିରୀହ ଖେଳଣା ସବୁ ସେମାନଙ୍କ କୁନି କୁନି କୋମଳ ହାତରେ । ତା'ପରେ ଆସ୍ତେ ଆସ୍ତେ ମୁଁ ବି ସେମାନଙ୍କୁ ବେଶି କଷ୍ଟ ନଦେବା ପାଇଁ ମୋର ମୋର ଅନ୍ୟ ଖେଳଣା ସବୁକୁ ଧରେଇ ଦେଲି ମୋ ଅତି ଆପଣାର ଭାଇ ଭଉଣୀଙ୍କ ହାତରେ । ବୋଧେ ସେଇ ସମୟରେ ମୁଁ ମୋ ଶୈଶବକୁ ଦେଖିବାକୁ ପାଉଥିଲି ସେମାନଙ୍କ ମୁହଁ ଭିତରେ । ବୋଧେ ସେତେବେଳେ ଟିକେ ଟିକେ ବଡ଼ ହୋଇ ଆସୁଥିଲି ମୁଁ ମୋର ଅଜାଣତରେ ଧିରେ ଧିରେ । ସେଦିନ ଆଉ ମୋ କର୍ଣ୍ଣପଟହକୁ ଶୁଭୁନଥିଲା ମୋ ଶୈଶବର ଡ଼ାକ ।

*****

**ବସ୍ତପଡା, କଟକ**



# ଶ୍ରାଦ୍ଧ

ସୁଜିତ୍ କୁମାର ମହାପାତ୍ର

**ବ**ଡି ଭୋରରୁ ସୀମା ଉଠିପଡ଼ି ଘର ଦ୍ୱାର ସବୁ ପୋଛି ସାରିଲାଣି । ଘର ପୋଛା ବେଳେ ଭୁଲି ଯାଏ ଯେ, ତାର ଆଉ ସେ ପୂର୍ବ ଭଳି ବଳବୟସ ନାହିଁ । କି ମମତା ଅଛି କେଜାଣି ତା'ର ଏ ଘର ଖଣ୍ଡିକ ଉପରେ । ଅବଶ୍ୟ ପେଟକୁ କାଟି ଘର ଖଣ୍ଡିକ କରିଥିଲୁ । ମାମୁନ କେତେ ଥର କହିଲାଣି ତା' ପାଖରେ ରହିବା ପାଇଁ । କିନ୍ତୁ ସୀମା ଏ ଘର ଛାଡି ଯିବାକୁ ନାରାଜ । ଘଣ୍ଟାକୁ ଚାହୁଁଥିଲା ବାରମ୍ବାର । ମାମୁନ ଆଉ ସରୋଜ (ଜୁଆଇଁ) ଆସିଯିବେ ଏଇନା । ପିଣ୍ଡ ଦେବା ଜାଗାକୁ ପୋଛାପୋଛି କରି ଗୋଟେ ଚେୟାରରେ ମୋର ବଡ଼ ଫଟୋକୁ ରଖିଲା, ଆଉ ଦୀର୍ଘନିଶ୍ୱାସଟେ ମାରିଲା । ମୁଁ ଗୋଟେ କଣରେ ଠିଆ ହେଇ ସବୁ ଦେଖୁଥିଲି । ଆଜି ମୋର ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ । ପୁଅଟେ ନଥିବାରୁ ଜୁଆଇଁ ସରୋଜ ହିଁ ପ୍ରତିବର୍ଷ ପିଣ୍ଡଦାନ କରନ୍ତି । ତଳେ ଗାଡିର ହର୍ନ ଶୁଭିଲା । ବୋଧହୁଏ ମାମୁନ ଆଉ ସରୋଜ ଆସିଗଲେ । ସୀମା ପୁଣି ଚଳଚଞ୍ଚଳ ହୋଇ ଉଠିଲା । ଦୁଃଖ ଲାଗୁଥିଲା ତାକୁ ଦେଖି । ବିଚାରି କେତେ

କଷ୍ଟ କରୁଛି । ହେଲେ ମୁଁ, ନିରୁପାୟ କିଛି ବି ସାହାଯ୍ୟ କରିପାରୁନି । ତର ତର ହେଇ ମାମୁନ ଘରଭିତରକୁ ପଶି ଆସିଲା । ମାମା, ମାମା କ'ଣ ନନା ଆସିଲେଣି ? ସବୁ ସଜାଡି ରଖି ଦେଇଛୁ ? ବାବାଙ୍କ ଫଟୋ ପୋଛି ନଥିବୁ ? ଏମିତି କେତେ କ'ଣ ପ୍ରଶ୍ନ ପଚାରି ଉପର ଘରକୁ ଆସିଲା । ଖୁସି ଲାଗୁଥିଲା ମୋ ଝିଅକୁ ଦେଖି । କୁଟା ଖଣ୍ଡକୁ ଦିଖଣ୍ଡ କରୁନଥିବା ଝିଅ ମୋର କେତେ ଦାୟିତ୍ୱବାନ ହେଇଯାଇଛି । ଉପର ଘରେ ଲୁହ ଭରା ଆଖିରେ ମୋ ଫଟୋକୁ ଛାତିରେ ଜାକି ମାମୁନ କିଛିକ୍ଷଣ ଠିଆ ହେଲା । ପଛରୁ ସରୋଜଙ୍କ ପାଦ ଶବ୍ଦ ଶୁଣି ଆଖିରୁ ଲୁହ ପୋଛି ଫୁଲ ହାରଟିଏ ଲଗାଇଲା ମୋ ଫଟୋରେ । ସରୋଜ ବହୁତ ବ୍ୟସ୍ତ ଆଉ ଅସନ୍ତୁଷ୍ଟ ଲାଗୁଥିଲେ । କାରଣ ନନା ଏଯାଏଁ ଆସିନାହାନ୍ତି । ତାଙ୍କର ଅଫିସ ପାଇଁ ଡେରି ହେଇ ଯାଉଛି । ମାମୁନକୁ କାନ୍ଦୁ ଥିବାର ଦେଖି କହିଲେ, ପୁଣି ଆରମ୍ଭ ହେଇ ଗଲା ସେ ଫେମିଲି ଡ୍ରାମା । ଯେତେବେଳ ଦେଖିବ ଆଖିରୁ ଲୁହ ବୁହାଉଥିବ । ତୁମେ ଲୁହ ବୁହାଇଲେ ବାପା କ'ଣ ଫେରିଆସିବେ ? ବରଂ, ବାପାଙ୍କ ଆତ୍ମା ତୁମର ଲୁହ ଦେଖି ମନ ଦୁଃଖ କରୁଥିବେ । କହୁଥିଲି ବିନ୍ଦୁସାଗର ଯାଇ ଶ୍ରାଦ୍ଧ କାମଟା ସାରି ଦେବା । ଘରେ ଏତେ ଫାର୍ସ କରିବା କ'ଣ ଦରକାର ? ଯୋଉଠି ପିଣ୍ଡ ଦେଲେ ବି ବାପା ପାଇବେ । କ'ଣ ଦରକାର ନନାକୁ ଡାକି ଘରେ ଶ୍ରାଦ୍ଧ ଦେବା । କେବଳ ଅନାବଶ୍ୟକ ଭାବେ ସମୟ ଆଉ ଅର୍ଥର ଅପବ୍ୟବହାର । ସରୋଜଙ୍କ କଥା ଶୁଣି ମାମୁନ ଚୁପ ଚାପ ଲୁହ ବୁହାଉଥିଲା, କିଛି ସମୟର

ନୀରବତା ପରେ ଆଖିରୁ ଲୁହ ପୋଛି ଶାନ୍ତ ଭାବରେ ଉତ୍ତର ଦେଲା ସେ । "ଦୟାକରି ପାଟିକରି କଥା କୁହନି । ମାଆ ତଳ ଘରେ ଅଛି, ଶୁଣିଲେ ମନ କଷ୍ଟ କରିବ । ତୁମେ ବୁଝି ପାରିବନି ବିନ୍ଦୁସାଗରରେ ପିଣ୍ଡ ଦେବା ଆଉ ନିଜ ଘରେ ପିଣ୍ଡ ଦେବାରେ ଫରକ କ'ଣ । କାରଣ ମନରେ ଶ୍ରଦ୍ଧା ରଖି ଶ୍ରାଦ୍ଧ ଦିଆଯାଏ । ତୁମ ଭଳି ଜୁଆଇଁ ମାନେ କେବଳ କର୍ତ୍ତବ୍ୟ ଦୃଷ୍ଟିରୁ ପିଣ୍ଡଦାନ ଦିଅନ୍ତି, ତିଳେ ବି ଆନ୍ତରିକତା ନଥାଏ । ତେଣୁ ତୁମେ ବୁଝିପାରିବ ନାହିଁ । ତୁମର ଯଦି ବିଳମ୍ବ ହେଉଛି ତୁମେ ବିନା ସଙ୍କୋଚରେ ଯାଇପାର । ମୁଁ ଅପେକ୍ଷା କରିଛି, ନନା ଆସିଲେ ମୁଁ ଏ ବର୍ଷ ଶ୍ରାଦ୍ଧରେ ପିଣ୍ଡଦାନ ଦେବି । "ଆରେ ବାଃ, ମୋ ନାତୁଣୀକୁ ଭଲ ସଂସ୍କାର ଦେଇଛ ତ ? ପଛରୁ କାହାର ପାଟି ଶୁଣି ଅନେଇଲି । ମୋ ଶ୍ୱଶୁର ମୋ କାନ୍ଧରେ ହାତ ରଖି ମୋତେ ସାନ୍ତ୍ୱନା ଦେଉଥିଲେ । ଗୋଡ଼ ଛୁଇଁ ମୁଣ୍ଡିଆ ମାରି କହିଲି ବାପା ତୁମେ ଏଠି ? କ'ଣ କରିବି ମୋ ଜୁଆଇଁ ହାତରୁ ପିଣ୍ଡ ଦାନ ଗ୍ରହଣ କରି ଏଯାଏଁ ଆତ୍ମା ମୋର ମୁକ୍ତି ଅପେକ୍ଷାରେ ଅଛି । ଭାବିଲି, ଦେଖି ଆସେ ତୁମ ଜୁଆଇଁ ତୁମକୁ କେମିତି ପିଣ୍ଡ ଦାନ କରୁଛି । କ'ଣ କହୁଚ ବାପା ତୁମ ଆତ୍ମା ଏଯାଏଁ ମୁକ୍ତି ପାଇନି ? କିନ୍ତୁ ମୁଁ ତ କେବେ ପିଣ୍ଡ ଦେବାରେ ଅବହେଳା କରିନି ? ଆଉ କିଛି କହିବା ପୂର୍ବରୁ ଶ୍ୱଶୁର ମୋର ଏକ ସ୍ମିତ ହସ ହସି ଅଦୃଶ୍ୟ ହୋଇ ଯାଉଥିଲେ । ମୁଁ ପାଟି କରି ଡାକୁଥିଲି ବାପା..... ବାପା । "ଆରେ ଆରେ, କ'ଣ ଏମିତି ବାପା ବାପା ଚିଲେଉଚ । କ'ଣ ସ୍ୱପ୍ନ ଦେଖିଲ କି ?" ନିଦ

ଭାଙ୍ଗିଗଲା ମୋର, ଇତସ୍ତତଃ ହେଇ ଉଠିପଡିଲି । ସୀମା ମୋ ମଥାକୁ ଆଉଁସେଇ କହୁଥିଲା, "ହଉ ଉଠ ଶୀଘ୍ର ଗାଧୋଇ ପଡ । ଆଜି ବାପାଙ୍କ ଶ୍ରାଦ୍ଧ ପରା ? ବୋଉ ଘରକୁ ଯିବା । ତୁମର ଅଫିସ ଡେରି ହେଇଯିବ ବୋଲି ମୁଁ ନନାକୁ ବାରମ୍ବାର କହିଛି ଶୀଘ୍ର ଆସିବା ପାଇଁ । ବୋଉବି ଘର ପୋଛା ପୋଛି କରି ନଥିବ । ବାପାଙ୍କ ଫଟୋ ପୋଛି ନଥିବ । ସବୁ ସଜଡା ସଜାଡି କରିବାକୁ ପଡିବ । ଖାଲି ଚାହା ଟିକେ ପିଇ ଦେଇଯିବ । ଝାଳରେ ପୁରା ଓଦା ହେଇଯାଇଥିଲି । ଯାହା ସବୁ ଦେଖିଥିଲି ସବୁ ସ୍ୱପ୍ନଥିଲା ବୋଲି ବିଶ୍ୱାସ ହେଉ ନଥିଲା । ସସ୍ନେହେ ସୀମାକୁ କୋଳକୁ ଟାଣି ଆଣି କହିଲି, ଆଜି ଅଫିସରୁ ଛୁଟି ନେଇଯିବି । ଚାହା ପିଇ କ'ଣ ପିଣ୍ଡ ଦିଅନ୍ତି ? ଘରେ ଶ୍ରାଦ୍ଧ ଦେଇସାରି ଲିଙ୍ଗରାଜ ମନ୍ଦିର ବୋଉଙ୍କୁ ନେଇ ଯିବା । ଆଉ କିଛି ଗରିବ ଭିକାରି ମାନଙ୍କୁ ଖାଇବାକୁ ଦେବା । ତାପରେ ସେଇଠି ଅଭଡ଼ା ଭୋଗ ଖାଇବା । ହଁ ସନ୍ଧ୍ୟାରେ ଆମ ଆପାର୍ଟମେଣ୍ଟରେ ତ୍ରିପାଠୀ ବାବୁ, ପାଢୀ ବାବୁ ଆଉ ରଥ ବାବୁଙ୍କୁ ଡାକି ବ୍ରାହ୍ମଣ ଭୋଜନ ଟିକେ ଦେଇଦେବା । ସୀମା ଅପଲକ ହୋଇ ମୋତେ ଚାହିଁଥିଲା । ବୁଝି ପାରୁନଥିଲା ମୋ ଭଳି ଗୋଟେ ନାସ୍ତିକ ଆଜି ଏସବୁ କେମିତି କରିବ କହୁଛି । ମୁଁ କିନ୍ତୁ ସୀମା ଆଖିରେ ମୋ ପାଇଁ ସମ୍ମାନ ଆଉ ଶ୍ରଦ୍ଧା ଅନୁଭବ କରିପାରୁଥିଲି । ଆଉ ନିଜକୁ ମନେ ମନେ ପଚାରୁଥିଲି ଏଯାଏଁ ସବୁ ବର୍ଷ ମୁଁ ଆନ୍ତରିକତାର ସହ ଶ୍ୱଶୁରଙ୍କୁ ପିଣ୍ଡ ଦାନ କରିଛି ତ ?

***** ଝାରପଡା, ଭୁବନେଶ୍ୱର



# ବୋଝ ଉପରେ ନଳିତା ବିତା

**ସୌଭାଗ୍ୟବତୀ ଗିରି**

**ଆ**ଜି ସମୟ ବଦଳି ଯାଇଛି । ପ୍ରତିଶୋଧ ପରାୟଣା ପ୍ରକୃତି ଗୋଟିଏ ପରେ ଗୋଟିଏ ଅସ୍ତ୍ରରେ ଆଘାତ କରିଚାଲିଛି ଆମକୁ । କରୋନା ତା'ର ଆକ୍ରମଣ ଜାରି ରଖିଛି । ତା'ରି ଦାଉରେ ଅତିଷ୍ଠ ହୋଇ ନିଜ ପରିବାରର ଭରଣପୋଷଣ ଦାୟିତ୍ୱ ବହନ କରି ପରିବାର ସଦସ୍ୟଙ୍କୁ ମୁଠାଏ ଦାନା ଯୋଗାଇ ଦେବାକୁ ଦାଦନ ସାଜିଥିବା ଯୁବକ ହତାଶ ହୋଇ ଫେରି ଆସିଛି ନିଜ ଗାଁ ମାଟିକୁ । ସେମାନଙ୍କ ଆୟର ପନ୍ଥା ବନ୍ଦ ହୋଇ ଯାଇଥିବାରୁ ଅନେକ ମାନସିକ ଭାବେ ହୋଇଛନ୍ତି ହୀନମାନ୍ୟତାର ଶିକାର । କାମ ନ ମିଳିଲେ ପୁଣି ରାଇଜ ଛାଡି ଚାଲିଯିବେ ବୋଲି କିଛି ଶ୍ରମିକ ଭାଇ କହୁଥିବା ବେଳେ ଆଉ କିଛି ଭାଇମାନେ ପୁଣି ଫେରିଗଲେଣି କାର୍ଯ୍ୟକ୍ଷେତ୍ରକୁ । ପ୍ରବାସୀ ଶ୍ରମିକ ଭାଇମାନଙ୍କ କଥା ବି ଠିକ୍ । ବେକାରୀ ହେଇ ବସି ରହିଲେ ତା'ଙ୍କ ପରିବାରକୁ ଦାନା ଯୋଗେଇବ କିଏ ? ହେଲେ ହଠାତ୍ ଏତେ ଲୋକଙ୍କୁ ଯେ ସରକାର କାମ ଯୋଗେଇ ଦେବାରେ ସମର୍ଥ ହେବେ ସେ ବିଷୟରେ ମୁଁ କାହିଁ

କିଛି ଭାବି ପାରୁନି । କିନ୍ତୁ କିଛି ପ୍ରେରଣା ଯୋଗେଇ ଦେବି ଭାବୁଛି । ହୁଏତ କିଛି ଲୋକଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ଖାଲି ପ୍ରେରଣା ଯୋଗେଇ ଦେଲେ କ'ଣ ସବୁ ସମସ୍ୟାର ସମାଧାନ ହେଇଯିବ ? ହେଲେ ମୋର ମତ ପ୍ରେରଣାରେ ହିଁ ସବୁ କିଛି ଥାଏ । ପ୍ରେରଣା ଓ ପ୍ରୋତ୍ସାହନ ବେଳେବେଳେ ତା'ର ପ୍ରଭାବ ଅତି ମାତ୍ରାରେ ଦେଖାଏ । ଥରେ ଭାବି ଦେଖନ୍ତୁ ଚାଣକ୍ୟଙ୍କ ପ୍ରେରଣା ଚନ୍ଦ୍ରଗୁପ୍ତଙ୍କୁ, ଗୁରୁ ରାମଦାସଙ୍କ ପ୍ରେରଣା ଛତ୍ରପତି ଶିବାଜୀଙ୍କୁ, ଭଗବାନ୍ ବୁଦ୍ଧଙ୍କ ପ୍ରେରଣା ଅଙ୍ଗୁଳିମାଳଙ୍କୁ କେଉଁ ସ୍ତରରୁ ନେଇ କେଉଁ ସ୍ତରରେ ପହଞ୍ଚାଇ ଦେଇଥିଲା । ତେଣୁ ପ୍ରେରଣା ଦେବା ଠାରୁ ବଡ କଥା ଆଉ କ'ଣ ହେଇପାରେ ! ତେବେ ମୁଖ୍ୟ କଥା ହେଲା ଏ ବେକାରୀ ସମସ୍ୟାଟା ଆଜିର କି କାଲିର କଥା ନୁହେଁ । ଏହା ଏକ ଅତି ଦେହସୁହା ସମସ୍ୟା । ସ୍ୱଚ୍ଛଳ ଅବସ୍ଥା ଥିବା ଘରର ଯୁବକ ମାନେ ଘରୁ ଖାଇପିଇ କେବଳ ଗାଲୁଚୁଗୁଲି, ପରନିନ୍ଦା ଓ ଅନ୍ୟର ଦୋଷ ଦୁର୍ବଳତା ଖୋଜିବାରେ ସମୟ କଟେଇ ଦେଉଥିବା ବେଳେ ଆଉ କିଛି ଯୁବକ ଗୋଟେ ଗୋଟେ ରାଜନୈତିକ ଦଳ ସପକ୍ଷରେ ବାହାରି କଳି-ଝଗଡା ହେଇ ସମୟ ଅତିବାହିତ କରନ୍ତି । କିଛି ପିଲା ତ ଚାକିରିକହିଲେ କେବଳ ସରକାରୀ ଚାକିରୀକୁ ହିଁ ବୁଝନ୍ତି । ସରକାରୀ ଚାକିରିପଛେ ପଛେ ଦୌଡି ଦୌଡି ଶେଷରେ ହତାଶ ହୁଅନ୍ତି । ଅନ୍ୟ କେତେକ ସୁଶିକ୍ଷିତ ଯୁବକ ଚାକିରି ନ କରି ଅନ୍ୟ କିଛି କରିବା ଉଚିତ୍ ନୁହେଁ ଭାବି ଘରୋଇ କମ୍ପାନୀରେ ଚାକିରି କରନ୍ତି । ବେଳେ

ବେଳେ ଦେଖାଯାଏ ଯଦି କୌଣସି ଚାକିରି ପାଇଁ ଆବେଦନ ଯୋଗ୍ୟତା ମାଟ୍ରିକ୍ ବି ଥାଏ ସେଥିରେ ଏମ୍.ବି.ଏ., ଏମ୍.ସି.ଏ. ଓ ଇଞ୍ଜିନିୟରିଂ ଡିଗ୍ରୀଧାରୀ ପିଲାମାନେ ମଧ୍ୟ ଆବେଦନ କରି ଥାଆନ୍ତି । ତେଣୁ ଯୁବକ ମାନଙ୍କର ଏହି ମାନସିକତାର ଫାଇଦା ଉଠେଇବାରେ ଘରୋଇ କମ୍ପାନୀ ମାନେ ଆଦୌ ଅବହେଳା କରନ୍ତି ନାହିଁ । ସେମାନେ ଉଚ୍ଚଶିକ୍ଷିତ ଯୁବକ ମାନଙ୍କୁ ଅତି କମ୍ ପାରିଶ୍ରମିକରେ କାମରେ ଲଗାନ୍ତି । ଆଉ କେତେକ ଯୁବକ କୌଣସି ଲକ୍ଷ୍ୟ ସ୍ଥିର ନ କରି ଅନେକ କାମରେ ହାତ ଲଗାନ୍ତି ଏବଂ ସବୁଥିରେ ବିଫଳ ହୁଅନ୍ତି । କିନ୍ତୁ ଗରିବ ଶ୍ରେଣୀର ଯୁବକମାନେ ପରିବାର ପ୍ରତିପୋଷଣ ପାଇଁ ଅତି କମ୍ ବୟସରୁ ପରିବାରଠୁ ବହୁ ଦୂରକୁ ଚାଲି ଯାଆନ୍ତି । ଲୁହଲହୁ ଏକାଠି କରି ହାଡଭଙ୍ଗା ଖଟଣି ଖଟି ରୋଜଗାର କରି ଘରକୁ ପଇସା ପଠାନ୍ତି । ଆମ ଦେଶରେ ବେରୋଜଗାରୀ ସମସ୍ୟା ଦୂର କରିବା ପାଇଁ ପ୍ରତିବର୍ଷ ବିଭିନ୍ନ ପ୍ରକାର ନୂଆନୂଆ ଯୋଜନା ବାହାରେ । ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା, ଜବାହର ଯୋଜନା, ମନରେଗା ଇତ୍ୟାଦି କେତେ ପ୍ରକାରର ଯୋଜନା ବାହାରି ସାରିଛି । କିନ୍ତୁ କ'ଣ ଲାଭ ? ଏହା ସେପରି କିଛି ଫଳପ୍ରଦ ହୋଇଥିଲା ଭଳି କିଛି ଜଣା ପଡେ ନାହିଁ । ଏହା ଥିଲା ଆମ ସମାଜର ନିତି ଦିନିଆ ଚିତ୍ର । କିନ୍ତୁ ଏବେ କରୋନା ସେଥିରେ ବୋଝ ଉପରେ ନଳିତା ବିଡା ପରି ଆସି ଲଦି ହୋଇ ଯାଇଛି । ଆମ ଦେଶରେ ପୂର୍ବରୁ ବି ବେକାରୀ ସମସ୍ୟା ଏକ ପ୍ରମୁଖ ସମସ୍ୟା ଥିବାବେଳେ

ଏବେ ତାହା ଆହୁରି କିଛି ଉଚ୍ଚତାକୁ ମୁଣ୍ଡ ଟେକି ଦେଇଛି । ତେଣୁ ବେରୋଜଗାରର ସଂକଟ ଧିରେଧିରେ ଭୟାବହ ରୂପ ନେବାରେ ଲାଗିଛି । କରୋନାର ତାଲାବନ୍ଦ ସହିତ କିଛି ଘରୋଇ ଅଫିସ୍, ଫ୍ୟାକ୍ଟ୍ରୀ, କ୍ଷୁଦ୍ର ଶିଳ୍ପସଂସ୍ଥା ଆଦିରେ ସବୁଦିନ ପାଇଁ ତାଲା ପଡି ଯାଇଛି । ଅନେକ ଲୋକଙ୍କ ଚାକିରି ଯାଇଛି । ଲକ୍ଷ ଲକ୍ଷ ଶ୍ରମିକ କାମ ହରାଇ ଏବେ ହାତଗୋଡ ଯାକି ବସିଛନ୍ତି । ପରିବାର ପାଇଁ ଦାନା ମୁଠାଏ ଯୋଗାଡ କରିବା ସେମାନଙ୍କ ପାଇଁ ଗୋଟେ ବଡ ଚାଲେଞ୍ଜ୍ । ଏହିପରି କିଛି ଦିନ ହେଲେ ଜଣେ ହୁଏତ ହୀନମାନ୍ୟତାର ଶିକାର ହୋଇପାରେ ବା ରୋଜଗାର କରିବା ପାଇଁ କିଛି ଭୁଲ୍ ପନ୍ଥା ବାଛି ନେଇପାରେ । ତେଣୁ ଆମକୁ ବେଳହୁଁ ସାବଧାନ ହେବାକୁ ପଡିବ । ଏମିତି ଏକ ପରିସ୍ଥିତିରେ ଲଢିବା ପାଇଁ ଏକ ବିଶେଷ ରଣନୀତି ପ୍ରସ୍ତୁତ ନ କଲେ ଲଢିବା ସମ୍ଭବ ନୁହେଁ । ସେଥିପାଇଁ ସମସ୍ତେ ପ୍ରଥମେ ଏଇ ମାନସିକତା ଗ୍ରହଣ କରିବା ଦରକାର ଯେ ଦୁନିଆଁର କୌଣସି ବି କାମ ଛୋଟ ନୁହେଁ । ଦରକାର ନାହିଁ ଏକାଥରକେ ଦେଶ ବିଷୟରେ ଭାବି ଭାଙ୍ଗିପଡିବା । କେବଳ ନିଜ ଗାଁର କଥା ଭାବନ୍ତୁ । କ'ଣ କଲେ ଗାଁର ଲୋକମାନେ ସମସ୍ତେ ସ୍ୱାବଲମ୍ବୀ ହୋଇପାରିବେ ? ଏଇ ଗାଁର ଚିନ୍ତା ଭିତରେ କେତେବେଳେ ଯେ ସାରା ଜିଲ୍ଲା, ରାଜ୍ୟ ଓ ଦେଶର ଅବସ୍ଥା ସୁଧୁରି ଯିବ ସେଇଟା ଜଣା ପଡିବନି । ତା'ପରେ ଆସୁଛି ଲକ୍ଷ୍ୟ ନିର୍ଦ୍ଧାରଣ କାର୍ଯ୍ୟ । ବେଳେ ବେଳେ ଅନେକ କାର୍ଯ୍ୟରେ ହାତ ଲଗାଇ ଆମେ କୌଣସି

ଗୋଟିକରେ ବି ସଫଳ ହୁଅନ୍ତି ନାହିଁ । ତେଣୁ ଗୋଟିଏ କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରିବା ଏକ ମୁଖ୍ୟ କାର୍ଯ୍ୟ । ନିଜକୁ ସୁହାଇଲା ପରି କାର୍ଯ୍ୟଟିଏ ବାଛନ୍ତୁ । ଏବେ ଲୋକମାନେ ଚୀନର ଚାଲାକିକୁ ବୁଝିଲେଣି । ବିଦେଶୀ ଦ୍ରବ୍ୟ ପରିତ୍ୟାଗ କରି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାର ଅଭିଯାନ ଆରମ୍ଭ ହୋଇ ସାରିଲାଣି । ତେଣୁ ଏବେ କାର୍ଯ୍ୟପନ୍ଥା ବାଛିନେବା ବି ଆଉ ଟିକେ ସହଜ ହୋଇଯାଇଛି । ସେଇ କାର୍ଯ୍ୟ କୃଷି, ଗୋପାଳନ, ଉଦ୍ୟାନ କୃଷି, ମହୁମାଛି ପାଳନ, କୁକୁଡା ପାଳନ, ସଂପୂର୍ଣ୍ଣ ପ୍ରାକୃତିକ ଉପାୟରେ ସାବୁନ୍ ପ୍ରସ୍ତୁତି, ଅଗରବତୀ ନିର୍ମାଣ, ପାଉଁରୁଟି ତିଆରି, କମ୍ ତେଲମସଲା ବିଶିଷ୍ଟ ଘରୋଇ ଖାଦ୍ୟ ଯୋଗେଇଦେବା ଭଳି ହୋଟେଲ୍ ବା ଏହିପରି ଅନ୍ୟ କିଛି ବି ହୋଇପାରେ । ଏହା ଯେହେତୁ ଏକା କରିବା ସମ୍ଭବ ନୁହେଁ ଏଥିରେ ଏକାବେଳକେ ଅନେକ ଲୋକ ଉପକୃତ ହେବେ । ପ୍ରବାସକୁ ଫେରିଗଲେ ହୁଏତ ଯେଉଁ ଜଣଙ୍କ ଯିବ କେବଳ ତା'ର ସମସ୍ୟାଟି ସମାଧାନ ହୋଇପାରେ କିନ୍ତୁ ସମସ୍ତଙ୍କର ସମସ୍ୟା ସମାଧାନ କରିବାକୁ ହେଲେ ଏହା ହିଁ ଏକମାତ୍ର ଉପାୟ । ଏପରି ମିଳିତ ଭାବେ କାର୍ଯ୍ୟ କଲେ ଅନେକ ଲୋକଙ୍କର ସମସ୍ୟାର ସମାଧାନ ମିଳିପାରିବ । ଏବେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ସମସ୍ତେ ଜଣେଜଣେ ପ୍ରେରଣାଦାତା ସାଜନ୍ତୁ । ଆମ ରାଜ୍ୟରେ ପ୍ରତିଭା ସମ୍ପନ୍ନ ଯୁବକ ମାନଙ୍କର ଅଭାବ ନାହିଁ । ଏମାନେ ଏକମନ ହେଲେ ପଥର ବି ତରଳେଇ ଦେଇ ପାରନ୍ତି । କିନ୍ତୁ ଏମାନଙ୍କୁ ଉପଯୁକ୍ତ ପରିବେଶ ବା ପ୍ରେରଣା

କିଛି ବି ମିଳେ ନାହିଁ । ଅଙ୍କୁରୋଦଗମ ହେବାର କ୍ଷମତା ତ ପ୍ରତ୍ୟେକ ବୀଜ ପାଖରେ ଥାଏ କିନ୍ତୁ ଉପଯୁକ୍ତ ଜଳବାୟୁ ବା ସୂର୍ଯ୍ୟକିରଣ ନ ପାଇଲେ ତାହା ସେହି ବୀଜ ହୋଇ ପଡିରହେ । ସମୟାନ୍ତରରେ ସେହି ବୀଜ ପଚିସଢି ନଷ୍ଟ ହୋଇଯାଏ । କିନ୍ତୁ ଉପଯୁକ୍ତ ଜଳବାୟୁ ପାଇଲେ ବୀଜଟିଏ ମହାଦ୍ରୁମରେ ପରିଣତ ହୋଇ ଫୁଲ, ଫଳ, ଛାୟା ପ୍ରଦାନ କରେ । ଠିକ୍ ସମାନ କଥାଟି ଆମ ସମାଜ ପାଇଁ ମଧ୍ୟ ପ୍ରଯୁଜ୍ୟ । ଆମ ଯୁବଗୋଷ୍ଠୀଙ୍କ ଭିତରେ ଯେ ମହାଦ୍ରୁମରେ ପରିଣତ ହେବାର ଶକ୍ତି ଅଛି ସେଇଟା ଭୁଲି ଯାଇଛନ୍ତି । ଉପଯୁକ୍ତ ପ୍ରେରଣା ଯୋଗେଇ ଦେଲେ ଯୁବଶକ୍ତି ମାନଙ୍କର ପ୍ରତିଭା ପ୍ରଦର୍ଶନକୁ କେହି ବି ଅଟକେଇ ପାରିବେନି । କରୋନା ଏକ ସାମୟିକ ସଂକଟ । ସତର୍କ ରହି ଓ ସଂଘର୍ଷ କରି ଆମେ କରୋନାଠୁ ଦୂରେଇ ରହିଛେ । ଦିନେ ନା ଦିନେ ସେ ନିଶ୍ଚିତ ହାରିଯିବ । କରୋନା ଭଳି ଏକ ବାହ୍ୟ ଶତ୍ରୁ କେବେ ବି ଆମର ବିକାଶକୁ ଅବରୁଦ୍ଧ କରି ରଖି ପାରିବ ନାହିଁ ।

*****

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା**



# ନିଷ୍ପାପ ଆହ୍ୱାନ

ସରିତା ନନ୍ଦ

**ମା** ମା ଆଉ କେତେଦିନ ରହିଲା ମା ଆଉ କେତେଦିନ ରହିଲା । ମୁଁ ବହୁତ ବ୍ୟସ୍ତ ହୋଇପଡ଼ିଲିଣି ମା ମୁଁ ଆଉ ଧୈର୍ଯ୍ୟଧରି ରହିପାରୁନି । ମୁଁ ନ ଦେଖିଲେ କ'ଣ ହେଲା ଶୁଣିଛି ଏ ପୃଥିବୀଟା କୁଆଡେ ବହୁତ ସୁନ୍ଦର । ସତରେ କ'ଣ ଏ ପୃଥିବୀଟା ବହୁତ ସୁନ୍ଦର ମା ? ମୁଁ କେବେ ଏ ପୃଥିବୀକୁ ଆସିବି ? ତୁ କେବେ ମୋତେ ଏ ପୃଥିବୀକୁ ଆଣିବୁ ମା ? ମୁଁ ମୋର କୁନି କୁନି ପାଦରେ ତାରି ଉପରେ ଠୁକୁ ଠୁକୁ ହୋଇ ଚାଲିବି, ସାଙ୍ଗମାନଙ୍କ ସାଙ୍ଗେ ଖେଳିବି ଆଉ ବହୁତ ମଜା କରିବି । ମା ତୁ ମୋ କଥା ଶୁଣୁଛୁ ନା ଆଉ ଡେରି କରନା ମୋତେ ଶୀଘ୍ର ଶୀଘ୍ର ଏ ସଂସାରକୁ ଆଣ ମା । ଏଇ ସୁନ୍ଦର ପୃଥିବୀକୁ ଦେଖିବାପାଇଁ ମୋର ବହୁତ ମନ ହେଉଛି ଏହିପରି ଆଖିରେ ଅନେକ ସ୍ୱପ୍ନ ନେଇ ଏ ସଂସାରକୁ ଆସିବାପାଇଁ ମୁଁ ବ୍ୟତିବ୍ୟସ୍ତ ହୋଇପଡୁଥିଲି ଏକ ନୂତନ ସକାଳର ସୂର୍ଯ୍ୟକୁ ଦେଖିବାପାଇଁ । କିନ୍ତୁ ହଠାତ ଏ କ'ଣ ହେଲା ସବୁ ନିଃଶବ୍ଦ ପୁରା ଶୂନଶାନ, ନା ଅଛି କୌଣସି ଶବ୍ଦ ନା କିଛି କୋଳାହଳ । ମୁଁ ଡରିଗଲି

ବିକଳରେ ଚିତ୍କାର କରିବାକୁ ଲାଗିଲି । ମା ମା ଏ କ'ଣ ହେଲା ମା ମୁଁ ମୋ ହାତ ଗୋଡ ହଲେଇପାରୁନି କାହିଁକି ମା ? ମା ଏ ସବୁ କ'ଣ ହେଉଛି ମା ତୁ କିଛି କହୁନୁ କାହିଁକି ? ତୁ କଣ ମୋତେ ପୂର୍ବଥର ପରି ଏଥର ବି ମାରିଦେବୁ ମା ? ନା ମା ନା ତୁ ମୋତେ ମାରନି ମା ମୋତେ ଏ ଦୁନିଆଁକୁ ଆସିବାକୁ ତ ଦେ । ପୁଣି ନୀରବ, ନିଶବ୍ଦ ଆଉ ପୁରା ଶୂନଶାନ । ମା ଏ ମା ତୁ ତାହାହେଲେ ମୋତେ ଏ ପୃଥିବୀକୁ ଆସିବା ପୂର୍ବରୁ ମାରିଦେଲୁ । କାହିଁକି କାହିଁକି ତୁ ଏପରି କଲୁ ମା ? ମୋର ଦୋଷ କ'ଣ ଥିଲା ? କାହିଁକି ମୁଁ ଏ ଦୁନିଆଁକୁ ଆସିବା ପୂର୍ବରୁ ତୁ ମୋର ସବୁ ସ୍ୱପ୍ନ ଛଡେଇ ନେଲୁ ? କ'ଣ ଏଇଥିପାଇଁ ମା ମୁଁ ଏକ କନ୍ୟା ସନ୍ତାନ ବୋଲି । ତୁ ଏମିତି କେମିତି କରିପାରିଲୁ ମା ? ତୁ ପରା ନିଜେ ଜଣେ ନାରୀ, ଜଣେ ନାରୀ ହୋଇ ତୁ ତୋ ନିଜ ଝିଅକୁ ମାରିଦେଲୁ । ହଁ ତୁ ହେଲେ କ'ଣ କରିପାରିଥାନ୍ତୁ ତୁ ତ ସହଜେ ଅବଳା ଆଉ ଦୁର୍ବଳା । ତୁ ପ୍ରତିବାଦ କରିଲେ ବି ତୋ କଥା କିଏ ଶୁଣିଥାନ୍ତା ଯେ । ମୋର କିନ୍ତୁ ସେଇ ନାରୀମାନଙ୍କୁ ଗୋଟିଏ ପ୍ରଶ୍ନ ଅଛି ମା ଯିଏ ଜଣେ ନାରୀ ହୋଇ ବି ଆଉ ଜଣେ ନାରୀକୁ ତା କନ୍ୟାକୁ ହତ୍ୟା କରିବାପାଇଁ କିପରି ବାଧ୍ୟ କରିପାରେ ? ସେ କ'ଣ ଭୁଲି ଯାଇଛି ଯେ ସେ ଜଣେ ମା ବୋଲି ? ତା ପାଖରେ କ'ଣ ମା'ର ହୃଦୟ ନାହିଁ ? ଶୁଣିଥିଲି କୁହାଯାଏ କନ୍ୟା ଜନ୍ମ ହେଲେ ଘରକୁ ଲକ୍ଷ୍ମୀ ଆସିଥାଏ । ତା ହେଲେ ମୁଁ କ'ଣ ତୁମ ଘରର ଲକ୍ଷ୍ମୀ ନ ଥିଲି ? ମୋ ସହିତ କାହିଁକି ଏମିତି ଅନ୍ୟାୟ

କରିଲ ? ଆଜି ମୁଁ ସିନା ଏ ଦୁନିଆଁକୁ ଆସିବା ଆଗରୁ ଆଖି ବୁଜିଦେଲି ହେଲେ ମୋର ସବୁ ମା ମାନଙ୍କୁ ଗୋଟିଏ ଅନୁରୋଧ ତୁମେମାନେ ସାହସୀ ହୁଅ ଅନ୍ୟାୟକୁ ପ୍ରତିବାଦ କରି ଶିଖ କାରଣ ଦୋଷୀଠାରୁ ଦୋଷକୁ ପ୍ରଶୟ ଦେଉଥିବା ଲୋକ ହିଁ ସବୁଠାରୁ ବଡ ଅପରାଧୀ ଅଟେ । ଆଜି ମଣିଷ ଏକବିଂଶ ଶତାବ୍ଦୀରେ ପାଦଦେଲେ ମଧ୍ୟ ତା ମନରେ ଥିବା କୁସଂସ୍କାରକୁ ଛାଡି ପାରିନି । ପୁତ୍ର ସନ୍ତାନ ଓ କନ୍ୟା ସନ୍ତାନ ମଧ୍ୟରେ ତଫାତ୍ କାଢି ସେ କନ୍ୟା ସନ୍ତାନମାନଙ୍କୁ ଏ ଦୁନିଆଁକୁ ଆସିବା ଆଗରୁ ମାରି ଦେଉଛନ୍ତି । ଦ୍ରୌପଦୀ, ସୀତା, ଗାର୍ଗୀ, ମୈତ୍ରୀ, ରାଣୀ ଲକ୍ଷ୍ମୀବାଇ ଆଉ ମଦର ଟେରେସା ଭଳି  କନ୍ୟା ଏ ପୃଥିବୀରେ ଜନ୍ମହୋଇ ଏ ପୃଥିବୀର ନା ରଖି ଯାଇଛନ୍ତି । ସେମାନେ କ'ଣ ଝିଅ ନ ଥିଲେ ? ତାହାହେଲେ ସେଇ ଝିଅକୁ ଜନ୍ମ ଦେବାପାଇଁ ଆଜି କାହିଁକି ଏ ସମାଜ କୁଣ୍ଠାବୋଧ କରୁଛି ? ହେ ମୋର ମା ମାନେ ଥରେ ଏଇ ଶିଶୁ କନ୍ୟାକୁ ଆପଣେଇ ତ ଦେଖ କିଏ ଜାଣେ ଆଜି ଏଇ କନ୍ୟା ଶିଶୁଟି କାଲି ଆପଣ ମାନଙ୍କପାଇଁ ଭଗବାନଙ୍କ ବରଦାନ ସାଜିପାରେ । ଶୁଣିଥିଲି କୁହାଯାଏ କନ୍ୟାଦାନ ମହାପୁଣ୍ୟ । କୁହାଯାଏ ଯେଉଁ ଲୋକମାନଙ୍କ ଘରେ କନ୍ୟା ସନ୍ତାନ ଜନ୍ମ ହୋଇଥାଏ ସେମାନେ ବହୁତ ଭାଗ୍ୟବାନ କନ୍ୟା ସନ୍ତାନଟିଏ ଜନ୍ମ ଦେଇ ସେମାନେ ମହାପୁଣ୍ୟ ଅର୍ଜନ କରିଥାନ୍ତି । ତେଣୁ ଥରେ ଏହି ପୁଣ୍ୟ ଅର୍ଜନ କରିକି ଦେଖ ଏ ସଂସାର କେତେ ସୁନ୍ଦର ଓ କେତେ ଆନନ୍ଦମୟ ହୋଇଯିବ ।

ଶେଷରେ ମୋର ଏଇ ଟିକି ନିବେଦନ ମୋର ମା, ମାଉସୀ, ଭଉଣୀ, ଜେଜେମା ଓ ଅନ୍ୟ ସମସ୍ତ ନାରୀମାନଙ୍କୁ ଆଜି ମୁଁ ସିନା ଚାଲିଗଲି କିନ୍ତୁ ଆଉ ଯେପରି କେଉଁ କନ୍ୟା ସନ୍ତାନକୁ ଏ ସଂସାରକୁ ଆସିବା ପୂର୍ବରୁ ଅଫେରା ରାଇଜକୁ ଫେରାଇ ଦିଆନଯାଉ । ଯାଉଛି ମା ଯିବା ପୂର୍ବରୁ ମୋର ଏଇ କଥା ପଦକ ମନେ ରଖିଥା...

ପୁନରପି ଜନନମ୍
ପୁନରପି ମରଣମ୍,
ପୁନରପି ଜନନୀ
ଜଠରେ ଶୟନମ୍ ।

ମଣିଷ ଏ ସଂସାରରେ ବାରମ୍ବାର ଜନ୍ମ ହୁଏ ଆଉ ବାରମ୍ବାର ମରିଥାଏ । ତୁ ଯଦି ପୁନର୍ଜନ୍ମରେ ବିଶ୍ୱାସ କରୁ ମା ତାହାହେଲେ ମୋର ପୁନର୍ଜନ୍ମ ହେବ । ମୁଁ ପୁଣି ତୋ କୋଳରେ ଜନ୍ମ ନେବି । ଠିକ୍ ସେହିପରି ତୋର ବି ଦିନେ ପୁନର୍ଜନ୍ମ ହେବ ମୁଁ ପରଂବ୍ରହ୍ମ ଅନନ୍ତ ସୃଷ୍ଟିର କର୍ତ୍ତା ପରମେଶ୍ୱରଙ୍କୁ ନିଷ୍ପାପ ନିବେଦନ କରୁଛି ଯେ ପରଜନ୍ମରେ ସେ ତୋତେ ମୋରି କୋଳରେ କନ୍ୟା ସନ୍ତାନ କରି ଜନ୍ମ ଦିଅନ୍ତୁ, ତୁ ସିନା ଏ ସମାଜକୁ ଡରି ମୋତେ ମାରିଦେଲୁ ମୁଁ କିନ୍ତୁ ତୋତେ ମାରିବିନି । ତୋତେ ଏ ଦୁନିଆଁକୁ ଆଣି ଏ ସ୍ୱାର୍ଥପର ମାନବ ସମାଜକୁ ଦେଖେଇଦେବି ଯେ ଜଣେ ନାରୀ ଅବଳା କି ଦୁର୍ବଳା ନୁହେଁ, ନୁହେଁ ସିଏ ଅନ୍ୟ ହାତର ଖେଳନା କଣ୍ଢେଇ ।

ଜଣେ କନ୍ୟା ତା ପରିବାର, ତା ସମାଜ, ଆଉ ତା ଦେଶ ପାଇଁ କ'ଣ ସବୁ କରିପାରେ ତାହା ମୁଁ ତୋ ମାଧ୍ୟମରେ ଏ ସମାଜକୁ ଦେଖେଇଦେବି ଆଉ ସେମାନଙ୍କୁ ଦେଖେଇଦେବି ଯେ କନ୍ୟା ଜନ୍ମ ଦେବା ଏ ସମାଜ ପାଇଁ ଏକ ଅପରାଧ ନୁହେଁ ବରଂ ଏକ ଗର୍ବ ଓ ଗୌରବର କଥା ।

ଆଜିର ସମାଜରେ ଦୁର୍ବଳ ମାନସିକତାକୁ ବଦଳାଇବାର ଏବଂ ଯୁଗ ପରିବର୍ତ୍ତନ କରିବାର ଅପେରା ରାଇଜକୁ ଚାଲିଯାଇଥିବା ଏକ ଶିଶୁର ଏହା ନିଷ୍ପାପ ଆହ୍ୱାନ ।

*****

**କୁଞ୍ଜକାନ୍ତ, ଢେଙ୍କାନାଳ**

# ସ୍ୱାଧୀନତା ସଂଗ୍ରାମର ଇତିହାସ



ପ୍ରଜ୍ଞା ପାରମିତା ମହାନ୍ତି

ସ୍ୱାଧୀନତା ସଂଗ୍ରାମର ଇତିହାସ ଏକ ବ୍ୟାପକ ଅର୍ଥବୋଧକ ବିଷୟବସ୍ତୁ ଅଟେ । ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିର ଜନ୍ମଗତ ଅଧିକାର ଓ କାମ୍ୟ । ସ୍ୱାଧୀନତା ବିନା ବ୍ୟକ୍ତିର ବ୍ୟକ୍ତିସ୍ୱାତନ୍ତ୍ର୍ୟ ହୁଏ ବିପନ୍ନ । ଆତ୍ମାଭିମାନ ହୁଏ କ୍ଷୁର୍ଣ୍ଣ । ପରାଧୀନତାର ହରିକାଠ ମଧ୍ୟରେ ସେ ହୁଏ ନିକ୍ଷେପିତ । ମୌଳିକ ଅଧିକାରଗୁଡିକ ହରାଇ ବସେ ସେ । ଇତିହାସ ବା ପୁରାଣରେ ଏହାର ବହୁ ଦୃଷ୍ଟାନ୍ତ ରହିଅଛି । ପରାଧୀନତାର ଶୃଙ୍ଖଳରୁ ମୁକ୍ତିପାଇଁ ସେ କରେ ସଂଗ୍ରାମ । ସ୍ୱାଧୀନତା ବା ନ୍ୟାୟଗତ ଅଧିକାର ପାଇଁ ମହାଭାରତର କୁରୁପାଣ୍ଡବ ଯୁଦ୍ଧ ଏହାର ଜ୍ୱଳନ୍ତ ନିଦର୍ଶନ । ବିଶ୍ୱ ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଜନମାନସକୁ ପ୍ରଭାବିତ କରେ ଫରାସୀ ରାଷ୍ଟ୍ର ବିପ୍ଳବ, ଋଷ ବିପ୍ଳବ ଓ ଆମେରିକାର ସ୍ୱାଧୀନତା ସଂଗ୍ରାମ । ଦେଶମାତୃକାର ମୁକ୍ତିପାଇଁ ପ୍ରତି ହୃଦୟରେ ଜାଗି ଉଠେ ଦୁର୍ବାର ଲାଳସା । ଐକବଦ୍ଧ ସଂଗ୍ରାମର ସୂତ୍ରପାତ ହୁଏ । ଧନଜୀବନ ବିନିମୟରେ ସେ ଦେଶର ନାଗରିକ ପ୍ରାପ୍ତିକରନ୍ତି ଦୁର୍ଲ୍ଲଭ

ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ । ଭାରତ ୧୯୪୭ ମସିହା ପୂର୍ବରୁ ଥିଲା ଇଂରେଜମାନଙ୍କ ଅଧୀନରେ । ଇଂରେଜଜାତି ବେପାରବଣିଜ କରିବାକୁ ଏ ଦେଶକୁ ଆସି ପ୍ରଶାସନର ଭିତ୍ତିଭୂମି ସ୍ଥାପନ କରନ୍ତି । ଶାସନତନ୍ତ୍ରର କଳରେ ଶୋଷଣ କରନ୍ତି ନିରୀହ ଜନସାଧାରଣଙ୍କୁ । ଇଂରେଜଜାତି ସମୃଦ୍ଧ ହୁଏ ଓ ଏ ଦେଶ କ୍ରମଶଃ ନିଃସ୍ୱ ହୋଇଯାଏ । ଏହାର ଘୋର ବିରୋଧ କରି ୧୮୫୭ ମସିହାରେ ଦେଖାଦିଏ ସିପାହୀ ବିଦ୍ରୋହ । ଏହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ । ଏହା ଅସଫଳ ହେଇଥିଲେ ମଧ୍ୟ ପ୍ରତି ମୁକ୍ତିକାମୀ ଜନସାଧାରଣଙ୍କ ହୃଦୟରେ ଗଭୀର ପ୍ରଭାବ ପକାଇଥିଲା । ଅବଶ୍ୟ ଏହାପୂର୍ବରୁ ୧୮୧୭ ମସିହାରେ ଓଡିଶାରେ ପାଇକ ବିଦ୍ରୋହ କଡା ଚେତାବନୀ ଦେଇଥିଲା ଇଂରେଜମାନଙ୍କୁ । ୧୮୪୨/୪୩ ମସିହାରେ ବା ସିପାହୀ ବିଦ୍ରୋହର ପ୍ରାୟ ୧୫ ବର୍ଷ ପୂର୍ବରୁ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ଗୋରା ସରକାର ବିରୁଦ୍ଧରେ ସଂଗ୍ରାମ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ଜୟୀ ରାଜଗୁରୁ ତଥା ଖୋର୍ଦ୍ଧାର ଅଗଣିତ ପାଇକ ଝାସ ଦେଇଥିଲେ ସ୍ୱାଧୀନତାର ଲେଲିହାନ ଶିଖାରେ । କାରାଗାର ମଧ୍ୟରେ ବନ୍ଦୀ ହୋଇ ପ୍ରାଣ ବିସର୍ଜନ କଲେ ଖୋର୍ଦ୍ଧାର ଦ୍ୱିତୀୟ ମୁକୁନ୍ଦଦେବ । ଓଡିଶାର ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ରଘୁ ଦିବାକର, ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାୟକ ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ନିମନ୍ତେ ପ୍ରାଣପାତ କରିଥିବାର ଇତିହାସ ପ୍ରମାଣ ଦିଏ । ୧୮୫୭ ମସିହାର

ସିପାହୀ ବିଦ୍ରୋହରେ ଝାନସୀ ରାଣୀ ଲକ୍ଷ୍ମୀବାଇ, ତାନ୍ତିଆ ଟୋପେ, ଟିପୁ ସୁଲତାନ ଆଦି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମ ଭରି ଦେଇଥିଲା ପ୍ରତି ଦେଶବାସୀଙ୍କ ହୃଦୟରେ ଜାତୀୟତାର ଭାବ । ସ୍ୱାଧୀନତା ଥିଲା ପ୍ରତ୍ୟେକ ଦେଶବାସୀଙ୍କ ଚରମ ଓ ପରମ ଲକ୍ଷ୍ୟ । ଭାରତର ବିଭିନ୍ନ ପ୍ରାନ୍ତରୁ ବିଦ୍ରୋହୀମାନେ ଏଥିରେ ସାମିଲ ହୋଇଥିଲେ । ଝାନସୀ ରାଣୀ ଲକ୍ଷ୍ମୀବାଇଙ୍କ ସମର ସହଯୋଗୀ ଥିଲେ ଓଡିଶାର ଚାଖି ଖୁଣ୍ଟିଆ ଓରଫ ଚନ୍ଦନ ହଜୁରୀ । ବହୁ ବିଦ୍ରୋହୀ ଏହି ବିଦ୍ରୋହରେ ପ୍ରାଣ ବିସର୍ଜନ କରିଥିଲେ । କିନ୍ତୁ ହାୟ ! ସଙ୍ଗଠନର ଘୋର ଅଭାବ । ଉନ୍ନତ ଅସ୍ତ୍ରଶସ୍ତ୍ରର ଅଭାବ ଯୋଗୁଁ ସିପାହୀ ବିଦ୍ରୋହ ବିଫଳ ହୋଇଥିଲେ ମଧ୍ୟ ଇଂରେଜ ସରକାରଙ୍କୁ ଥରାଇ ଦେଇଥିଲା । ନ ଡରାଇ, ନ ଥରାଇ, ସାଲିସ କରି ପୁଣି ଶାସନ ଚଳାଇବାକୁ ସ୍ଥିର କଲା ଗୋରା ସରକାର । ସିପାହୀ ବିଦ୍ରୋହର ଠିକ୍ ପରେ ଜନ୍ମ ନିଏ ଭାରତୀୟ ଜାତୀୟ କଂଗ୍ରେସ । ମହାମାନବ ହ୍ୟୁମସ ଏହାର ଜନ୍ମଦାତା । ବିଦେଶୀ ହେଇ ମଧ୍ୟ ଭାରତୀୟଙ୍କ ନାର୍ଯ୍ୟ ଦାବି ସପକ୍ଷରେ ଜନଜାଗରଣ ସୃଷ୍ଟି କରିବା ଥିଲା ତାଙ୍କର ଲକ୍ଷ୍ୟ । ୧୮୮୧ ମସିହାରେ କଂଗ୍ରେସ ଜନ୍ମ ନେଲା । ୧୮୮୫ ମସିହାରେ କଂଗ୍ରେସର ପ୍ରଥମ ଅଧିବେଶନ ବମ୍ବେଠାରେ ବସିଥିଲା । ଅକୁମାରୀ ହିମାଳୟ କଂଗ୍ରେସର ଜୟଗାନ କଲା । ୧୯୦୫ ମସିହାରେ 'ବଙ୍ଗଭଙ୍ଗ ଆନ୍ଦୋଳନ' ଓ ପରେ ପରେ ବଙ୍କିମ ଚନ୍ଦ୍ରଙ୍କର "ବନ୍ଦେମାତରମ୍" କବିତା ସୃଷ୍ଟି କଲା ଗଭୀର

ଜାତୀୟତାର ଭାବ । ଦାଦାଭାଇ ନାରୋଜି, ବିପିନ ଚନ୍ଦ୍ର ପାଲ, ଲାଲା ଲାଜପତ ରାୟ, ବାଲ ଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖଲେ, ଯୋଗୀ ଅରବିନ୍ଦ ଇତ୍ୟାଦି ମହାନ ସ୍ୱାଧୀନତା ସଂଗ୍ରାମୀମାନେ ନେତୃତ୍ୱ ନେବାକୁ ଆଗେଇ ଆସିଲେ । ବିନ୍ଦୁ ବିନ୍ଦୁ ମିଶି ସିନ୍ଧୁରେ ପରିଣତ ହେଲା କଂଗ୍ରେସ । ୧୯୧୯ ମସିହା ଜାଲିଓ୍ୱାନାବାଲାବାଗଠାରେ ଜେନେରାଲ ଡାୟରଙ୍କ ନୃଶଂସ ଆଦେଶ ବଳରେ ଟଳିପଡିଲେ ହଜାର ହଜାର ନିରୀହ ଜନସାଧାରଣ ବନ୍ଧୁକ ମୁନରେ । ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱ ଏହାକୁ ନିନ୍ଦା କଲା । ସୃଷ୍ଟି ହେଲେ ଶହୀଦ୍ ଭଗତ ସିଂହ, ଉଦ୍ଧାମ ସିଂହ ଆଦି କଠୋରପନ୍ଥୀ ବୀର ଯୁବକ । ସେତେବେଳକୁ ଶାନ୍ତି, ଅହିଂସା ଓ ସତ୍ୟର ପୂଜାରୀ ମହାତ୍ମାଗାନ୍ଧୀ ସୁଦୂର ଆଫ୍ରିକାରୁ ଫେରି ଆସି କଂଗ୍ରେସରେ ଯୋଗ ଦେଇଥାନ୍ତି । ମହାତ୍ମାଜୀ ବାସ୍ତବରେ ଥିଲେ ମହାମାନବ । ସେ ସ୍ୱାଧୀନତା ଆନ୍ଦୋଳନକୁ ଭିନ୍ନ ମୋଡ ଦେଇଥିଲେ । ତାଙ୍କ ନେତୃତ୍ୱରେ କଂଗ୍ରେସ ଅହିଂସାମାର୍ଗରେ ପରିଚାଳିତ ହେଲା । ସ୍ୱଦେଶୀ ଜିନିଷ ବ୍ୟବହାର, ବିଦେଶୀ ଦ୍ରବ୍ୟ ବର୍ଜନ, ସୂତା କାଟି ଖଦଡ ଲୁଗା ପିନ୍ଧିବା ଥିଲା ତାଙ୍କର ଆନ୍ଦୋଳନର ଭିନ୍ନ ଦିଗ । ଭାରତୀୟମାନେ ସ୍ୱାବଲମ୍ବୀ ହୁଅନ୍ତୁ ଏହା ସେ ଚାହୁଁଥିଲେ । ମୁଠାଏ ଲୁଣ ପାଇଁ ସାବରମତି ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ପଦଯାତ୍ରା କରି ସେ ବ୍ରିଟିଶ ସରକାରକୁ ଦେଖେଇ ଦେଇଥିଲେ ଅହିଂସା ଆନ୍ଦୋଳନ କ'ଣ କରିପାରେ । ସର୍ବଦା ସେ କହୁଥିଲେ "କୁଟି ଖାଅ, କାଟି ପିନ୍ଧ" । ଏଥିପାଇଁ

ବହୁବାର କାରାବରଣ କରିଛନ୍ତି ମହାତ୍ମା । ଲାଠିମାଡ ଖାଇଛନ୍ତି, ନିର୍ଯ୍ୟାତିତ ହୋଇଛନ୍ତି । କିନ୍ତୁ ଅହିଂସାପଥରୁ କେବେ ବିଚ୍ୟୁତ ହୋଇ ନାହାନ୍ତି । ବାପୁଙ୍କର ପ୍ରିୟ ଅନୁଗାମୀ ଥିଲେ ସର୍ଦ୍ଦାର ପଟେଲ ଓ ଜବାହାର ଲାଲ ନେହେରୁ । କିନ୍ତୁ ଯୁଦ୍ଧ ଡାକରା ଦେଇ ହିଂସା ମାର୍ଗରେ ବିଶ୍ୱାସ କରୁଥିଲେ ନେତାଜୀ ସୁଭାଷ । ଏଥିପାଇଁ ଗଠନ କରିଥିଲେ "ଆଜାଦ ହିନ୍ଦ ଫୌଜ" । ସେ କହୁଥିଲେ "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି" । ତତ୍କାଳୀନ କଂଗ୍ରେସ ନେତୃତ୍ୱ ସହ ମତପାର୍ଥକ୍ୟ ଯୋଗୁ ତାଙ୍କ ଆନ୍ଦୋଳନ ବେଶିବାଟ ଆଗେଇ ପାରି ନ ଥିଲା । ତଥାପି ଜର୍ମାନ ଓ ଜାପାନ ସରକାରର ସାହାଯ୍ୟ ନେଇ ସେ ବର୍ମାର ରେଙ୍ଗୁନଠାରେ ଉଡାଇଥିଲେ ଜାତୀୟ ଧ୍ୱଜା । ସ୍ୱାଧୀନତା ପାଇଁ ଓଡିଶାର ଅବଦାନ ମଧ୍ୟ କିଛି କମ୍ ନୁହେଁ । ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ବହୁ ମାନ୍ୟଗଣ୍ୟ ନେତାମାନେ କଂଗ୍ରେସରେ ସାମିଲ ହୋଇଥିଲେ । ସେମାନେ ହେଲେ ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, କୃପାସିନ୍ଧୁ ମିଶ୍ର ଓ ଗୋଦାବରୀଶ ମିଶ୍ର ଇତ୍ୟାଦି । ପରେ ପରେ ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ମାଳତିଦେବୀ ଆଦି ଏଥିରେ ଯୋଗ ଦେଇଥିଲେ । ଜାତୀୟକବି ବୀର କିଶୋରଙ୍କ ଜାତୀୟବାଦୀ କବିତା ସୃଷ୍ଟି କରିଥିଲା ଅଗଣିତ ହୃଦୟରେ ନୂତନ ପ୍ରେରଣା । ବାଧ୍ୟ ହୋଇ ଇଂରେଜ ସରକାର ଏ ଦେଶ ଛାଡି ଚାଲିଗଲେ । ଏହାଥିଲା ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ର । ଭାରତ ସ୍ୱାଧୀନ ହେଲା । ମୁଁ ପ୍ରଥମରୁ କହିଛି,

ଭାରତ ସ୍ୱାଧୀନତାର ଇତିହାସ ବିଷୟରେ ସ୍ୱଳ୍ପ ସମୟ ମଧ୍ୟରେ କହିବା ଧୃଷ୍ଟତା ମାତ୍ର । ତଥାପି ଯେଉଁ ମହାନ ଦେଶସେବକଙ୍କ ଅମର ତ୍ୟାଗ ଯୋଗୁ ଆମେ ଆଜି ସ୍ୱାଧୀନତା ଭୋଗ କରୁଛୁ, ସେହି ମହାନ ଦେଶପ୍ରେମୀଙ୍କ ନିକଟରେ ବିନମ୍ର ପ୍ରଣତି ଜଣାଉଛି । ଆଜି ୭୩ତମ ସ୍ୱାଧୀନତା ଦିବସରେ ଫରଫର ଉଡୁଛି ତ୍ରିରଙ୍ଗା । ଆମର ନାଆରେ ଆମେ ଆଜି ନାଉରୀ ସାଜିଛୁ । କିନ୍ତୁ ଦୁଃଖର ସହ ଏହା ସ୍ୱୀକାର କରିବାକୁ ପଡୁଛି ଯେ, ଦୀର୍ଘ ୭୩ ବର୍ଷ ବିତିଯାଇଥିଲେ ମଧ୍ୟ ଆମ୍ଭେ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନାହୁଁ । ଏ ଦେଶର ଅଗଣିତ ଜନତା କ୍ଷୁଧା-ତୃଷାରେ ପ୍ରପୀଡିତ । ରହିବାକୁ ବାସସ୍ଥାନ ନାହିଁ । ଯୋଜନା ପ୍ରସ୍ତୁତି ଓ ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ସମନ୍ୱୟ ରହୁନାହିଁ । ବର୍ତ୍ତମାନ ସ୍ୱାର୍ଥରେ କବଳିତ ଏ ଦେଶର ନେତୃତ୍ୱ । ଋଣଭାରରେ ଆମର ପ୍ରଗତି ବାଧା ପ୍ରାପ୍ତ । ଏଥିରୁ ମୁକ୍ତି ପାଇଁ ପୁଣି ଏକ ସଂଗ୍ରାମର ଆବଶ୍ୟକତା ରହିଛି । ଆସନ୍ତୁ, ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଏ ଦେଶକୁ ଠିକ୍ ମାର୍ଗରେ ଆଗେଇ ନେବା ପାଇଁ ଆମେ ଆଜି ବଜ୍ର ଶପଥ ନେବା ।

*****

**ବଲଗଣ୍ଡି ସାହି, ପୁରୀ**

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଅଗଷ୍ଟ- ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ [www.preranaodia.com/feedback](www.preranaodia.com/feedback) ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/